# କୂଅର ଗୋଳିଆ ପାଣି ଲୋକଙ୍କ ଭରସା

**ବଡ଼ଗାଁ, ୨୪।୩(ଡି.ଏନ୍.ଏ.)**

- ସୀମାନ୍ତ ଗ୍ରାମରେ ପାନୀୟ ଜଳର ଅଭାବ
- ଲକ୍ରାଘରା ଗ୍ରାମ ପ୍ରତି ସରକାରୀ ଅବହେଳା

ସରକାର ପ୍ରତ୍ୟେକ ଗାଁରେ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି ବାରମ୍ବାର ପ୍ରଚାର କରୁଥିବାବେଳେ ସୁନ୍ଦରଗଡ଼ ଜିଲାର ସୀମାନ୍ତ ଗ୍ରାମଗୁଡ଼ିକରେ ପାନୀୟଜଳ ସମସ୍ୟା ଉତ୍କଟ ଆକାର ଧାରଣ କରିଛି। ଲୋକେ ପିଇବା ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୂଅର ଗୋଳିଆ ପାଣି ହିଁ ଲୋକଙ୍କ ଭରସା ହୋଇଛି। ଏଭଳି ଏକ ସମସ୍ୟା ବହୁଳ ଗ୍ରାମ ହେଉଛି ଜିଲାର ଝାଡ଼ଖଣ୍ଡ ସୀମାବର୍ତ୍ତୀ ବଡ଼ଗାଁ ବ୍ଲକର ଲକ୍ରାଘର। ଜଙ୍ଗଲ ପାହାଡ ଘେରା ଲକ୍ରାଘରା ଗ୍ରାମ ଆଦିବାସୀ ଅଧ୍ୟୁଷିତ। ଏହି ଗ୍ରାମର ଲିମପଡାରେ ରହୁଛନ୍ତି ୧୫ଆଦିବାସୀ ପରିବାର। ଏମାନଙ୍କ ପାଇଁ ବିଲରେ ଥିବା ଏକମାତ୍ର ଚୁଡିକୂଅ ହି ଭରସା। ଗାଁରେ ଥିବା ଗୋଟିଏ ନଳକୂଅର ହେଣ୍ଡେଲକୁ ଦୀର୍ଘ ସମୟ ଚାପିଲେ ବୁନ୍ଦାଏ ପାଣି ବାହାରେ। ସେ ପୁଣି ତୈଳାକ୍ତ ଓ ଗୋଳିଆ ପାଣି। ତେଣୁ ଚୁଡିକୂଅର ଗୋଳିଆ ପାଣି ପିଇବାକୁ ବାଧ ହେଉଛନ୍ତି ଲିମପଡାବାସୀ। ଏପ୍ରିଲ, ମେରେ ଏହି କୂଅ ଶୁଖିଯାଉଥିବାରୁ ୨କି.ମି ଦୂର ମାଷ୍ଟରପଡ଼ାର ନଳକୂପ ଉପରେ ନିର୍ଭର କରିଥାନ୍ତି। ପାହାଡ଼ଚଢି ୨କିମି ଦୂର ନ ଗଲେ ଘରେ ରୋଷେଇ ବନ୍ଦ ହୋଇଯାଏ। ଏହି ସମସ୍ୟା ଉପରେ ଗାଁର ଦିବ୍ୟା ବୁଡ଼, ଦମନିକ ବୁଡ଼, ହିଲାରୁସ ବୁଡ଼, କ୍ଲାସିଉସ ବୁଡ଼ଙ୍କ ସହିତ ଗ୍ରାମବାସୀ ପିଇବା ପାଣି ସମସ୍ୟା କେତେ ଉତ୍କଟ କହିବା ସହ ସେମାନଙ୍କ କଥା କେହି ଶୁଣୁ ନ ଥିବା କହିଥିଲେ। ଲିମପଡାଠାରୁ ଦେଢ଼ କିମି ଦୂରରେ ଅବସ୍ଥିତ ଚୁହୁରା ପଡାଗ୍ରାମ। ଏଠାରେ ଥିବା ଗୋଟିଏ ନଳକୂପ ଉପରେ ପଡାର ୧୦ପରିବାର ନିର୍ଭର କରନ୍ତି। ଗାଧୋଇବା ପାଇଁ ପୋଖରୀ ନାହିଁ। ଜଙ୍ଗଲରେ ଥିବା ଏକ ନାଳର ଗୋଳିଆ ପାଣିରେ ଗାଧୋଇବା ସହ କପଡ଼ା ସଫା କରନ୍ତି। ନଳକୂଅ ଖରାପ ହୋଇଗଲେ ମରାମତି ହେବା ପର୍ଯ୍ୟନ୍ତ ନାଳର ଗୋଳିଆ ଦୂଷିତ ପାଣିକୁ ପିଇବାକୁ ବାଧ ହୋଇଥାନ୍ତି ଚୁହୁରାପଡାବାସୀ। ଏଠାରୁ ୩କିମି ଦୂରରେ ଅବସ୍ଥିତ ଲକ୍ରାଘରା ଗୌନ୍ତିଆପଡା। ୨୦ଟି ପରିବାର ରହୁଥିବା ଏହି ପଡାବାସୀ ବିଲ ଭିତରେ ଥିବା ଚୁଡିକୂଆ ଉପରେ ନିର୍ଭର କରନ୍ତି। ଏହି ପଡାର ଲୁସିଆ ସୋରେଙ୍ଗ, ଫିଲୋମିନା ସୋରେଙ୍ଗ, ବିବିଆନା ସୋରେଙ୍ଗ, ଦୁଲାରି ନାଗଙ୍କ ସହିତ ଆଉ କେତେକ ମହିଳାଙ୍କୁ ପଚାରିବାରୁ ସେମାନେ ଗାଁରେ ପାନୀୟ ଜଳ ସମସ୍ୟା କେତେ ଉତ୍କଟ ତାହା ଜାଣିବା ପାଇଁ ନା ଆସୁଛନ୍ତି ଜନ ପ୍ରତିନିଧି, ନେତା ନା ସରକାରୀ ଅଧିକାରୀ। ଆମେ ଭୋଟ ଦେଇଥାଉ କିନ୍ତୁ ଆମ ଦୁଃଖ କେହି ଶୁଣୁନାହାନ୍ତି କହି କ୍ଷୋଭ ପ୍ରକାଶ କରିଥିଲେ।


ମହିଳାମାନେ କୂଅରୁ ପିଇବା ପାଣି ସଂଗ୍ରହ କରୁଛନ୍ତି।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ରାଜମିସ୍ତ୍ରିଙ୍କ ମୃତ୍ୟୁ

**କୁତ୍ରା, ୨୪।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ରଜାବସା ଗ୍ରାମର ରାଜମିସ୍ତ୍ରି ମଙ୍ଗଲୁ ମହାନନ୍ଦିଆଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ମୃତ୍ୟୁ ଘଟିଛି। ଏହାକୁ ନେଇ କୁତ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ମୁତାବକ ମଙ୍ଗଳବାର ମଙ୍ଗଲୁ ଗ୍ରାମରେ କାମ କରିବାକୁ ଯାଇ ଏକ ଆଜବେଷ୍ଟସକୁ ତଳୁ ଉପରକୁ ଉଠାଉଥିବା ବେଳେ ହଠାତ କୌଣସି କାରଣରୁ ପଡ଼ିଯାଇ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି।

### ମତଦାନ କେନ୍ଦ୍ରରେ ଅନଧିକୃତ ପ୍ରବେଶ, ବିଶୃଙ୍ଖଳା ଅଭିଯୋଗ

**ଦେବଗଡ଼,୨୪।୩(ଡି.ଏନ୍.ଏ.):** ଦେବଗଡ ପୌର ନିର୍ବାଚନ ମତଦାନ ପ୍ରକ୍ରିୟା ଚାଲିଥିବା ବେଳେ ମତଦାନ କେନ୍ଦ୍ରରେ ଅନଧିକୃତ ପ୍ରବେଶ ଏବଂ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ଦେବଗଡ ଆଦର୍ଶ ଥାନା ପୋଲିସ ୨ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଦେବଗଡ଼ ପୌରାଞ୍ଚଳ ୩ନମ୍ବର ୱାର୍ଡ ମତଦାନ କେନ୍ଦ୍ରରେ ଜଣେ ଯୁବକ ଅନଧିକୃତ ଭାବେ ପ୍ରବେଶ କରି ମତଗ୍ରହଣ ପ୍ରକ୍ରିୟାରେ ହସ୍ତକ୍ଷେପ କରୁଥିଲେ। ତେବେ ତାଙ୍କର ଆଚରଣ ସନ୍ଦେହଜନକ ହେବାରୁ ଅପରାହ୍ନ ପ୍ରାୟ ୪ ଟାରେ କେତେକ ଭୋଟର ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଫିସରଙ୍କୁ ପଚରାଉଚରା କରିଥିଲେ। ମାତ୍ର ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ମତଦାନ କେନ୍ଦ୍ରର ମଧ୍ୟରୁ ବାହାରକୁ ଘୋଷାରି ଆଣିବା ସହ ପୋଲିସର ଜିମା ଦେଇଥିଲେ। ପଚରା ଉଚରା ସମୟରେ ସେ ନିଜକୁ ଜାତୀୟ ରାଜପଥ ବିଭାଗର ଜଣେ କର୍ମଚାରୀ ବୋଲି ପରିଚୟ ଦେଉଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ୧୦ ନମ୍ବର ୱାର୍ଡ ଆର୍‌ସିଏମ୍‌ଏସ୍ ସାହି ମତଦାନ କେନ୍ଦ୍ରରେ ପଶି ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ଦେବଗଡ ଆଦର୍ଶ ଥାନା ପୋଲିସ ଉକ୍ତ ୱାର୍ଡ କଚେରି ସାହିର ଦେବଶଙ୍କର ବେହେରା ନାମକ ଜଣେ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି।

### ଲୋକନୃତ୍ୟରେ ଜଙ୍ଗଲ ସୁରକ୍ଷା ସଚେତନତା

**ଲୋଇସିଂହା,୨୪।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର ଓ ନନ୍ଦୁପଲାରେ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା କରାଯାଇଛି। ଅନୁଷ୍ଠାନ ସଭାପତି ରାଜକିଶୋର ସେଠଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଜଙ୍ଗଲ ଧ୍ୱଂସ ଯୋଗୁ ଭୋଗୁଥିବାକୁ ପରିଣାମ ଓ ଜଙ୍ଗଲ ବୃଦ୍ଧି ହେଲେ ପରିବେଶ କିପରି ସନ୍ତୁଳନ ରହିବ ବୋଲି ଲୋକନୃତ୍ୟ ମାଧ୍ୟମରେ କଳାକାରମାନେ ସୂଚନା ଦେଇଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ ହରିଶଙ୍କର ମନ୍ଦିର ପରିସର ସଫେଇ କାର୍ଯ୍ୟ ହାତକୁ ନିଆଯାଇଥିଲା।

## ବିରଳ ପେଚା ଉଦ୍ଧାର


ବନ କର୍ମଚାରୀ ପେଚାକୁ ଧରିଛନ୍ତି।

**ଲହୁଣୀପଡ଼ା,୨୪।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ପୋଷ୍ଟ ଅଫିସ ଛକରେ ଥିବା ହୋଟେଲ ସମ୍ମୁଖରୁ ଗୁରୁବାର ଅପରାହ୍ନ ପ୍ରାୟ ତିନିଟାରେ ଏକ ବିରଳ ପେଚାକୁ ଉଦ୍ଧାର କରି ବନବିଭାଗ କର୍ମଚାରୀ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି। ହୋଟେଲ ସାମ୍ନାକୁ ଏହି ପେଚା ଉଡ଼ି ଆସିବା ପରେ ଏହାକୁ ଦେଖି ସ୍ଥାନୀୟ କେତେଜଣ ଲୋକ କାବୁ କରି ନେଇଥିଲେ। ରାଜାମୁଣ୍ଡା ସେକ୍ସନ୍ ଫରେଷ୍ଟର ପ୍ରଫୁଲ୍ଲ ସ୍ୱାଇଁଙ୍କୁ ଖବର ଦେବାରୁ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକମାନେ ବିରଳ ପେଚାକୁ ହସ୍ତାନ୍ତର କରିଥିଲେ। ବାଙ୍କି ରେଞ୍ଜର ଅଜୟ କୁମାର ଖେସଙ୍କ ନିର୍ଦ୍ଦେଶ କ୍ରମେ ଓ ଫରେଷ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବନରକ୍ଷୀ ରତନ କୁମାର ମହାକୁଡ଼, ମିନାକ୍ଷୀ ସାହୁ, ରାଧେ ଓରାମ, ଅର୍ଜୁନ ମାହାନ୍ତ ପ୍ରମୁଖ ବନ କର୍ମଚାରୀମାନେ ସନ୍ଧ୍ୟାରେ ପେଚାକୁ ନେଇ ଚମ୍ପାଝରଣ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି।

# ଇଭିଏମ୍‌ରେ ରହିଲା ପ୍ରାର୍ଥୀଙ୍କ ଭାଗ୍ୟ

**ସୁନ୍ଦରଗଡ଼,୨୪।୩(ଡି.ଏନ୍.ଏ)**

**ସୁନ୍ଦରଗଡ଼ ଜିଲାରେ ଶାନ୍ତିଶୃଙ୍ଖଳାର ସହ ସରିଲା ପୌର ନିର୍ବାଚନ**

ସୁନ୍ଦରଗଡ଼ ଜିଲାରେ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ପୌରନିର୍ବାଚନ ଶେଷ ହୋଇଛି। ଜିଲାର ୩ଟି ପୌରପରିଷଦ ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ବୀରମିତ୍ରପୁର ପୌରପରିଷଦ ପାଇଁ ସକାଳ ୮ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଭୋଟ ଦେବା ପାଇଁ ବିଭିନ୍ନ ବୁଥରେ ଭୋଟରଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ଭୋଟଗ୍ରହଣର ସମୟସୀମା ଅପରାହ୍ନ ୫ଟା ଥିଲେ ମଧ୍ୟ କେତେକ ବୁଥରେ ପୂର୍ବରୁ ପ୍ରବେଶ କରିଥିବା ଭୋଟରମାନେ ନିର୍ଦ୍ଧାରିତ ସମୟସୀମା ପରେ ମଧ୍ୟ ମତଦାନ କରିଥିଲେ। ସୁନ୍ଦରଗଡ଼ ପୌରାଞ୍ଚଳରେ ଥିବା ୧୯ଟି ୱାର୍ଡରେ ୩୮ହଜାର ୧୦୪ଜଣ ଭୋଟରଙ୍କ ସକାଶେ ୩୮ଟି ବୁଥ୍ କରାଯାଇଥିଲା। ସମୁଦାୟ ଭୋଟରଙ୍କ ମଧ୍ୟରୁ ୫୭.୦୪ ପ୍ରତିଶତ ମତଦାତା ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ। ମତଦାନ କେନ୍ଦ୍ର ଗୁଡିକରେ ଶାରୀରିକ ଭିନ୍ନକ୍ଷମମାନଙ୍କୁ ନେବା ଆଣିବା କରିବାରେ ସ୍କାଉଟ ଛାତ୍ରୀଛାତ୍ରମାନଙ୍କର କାର୍ଯ୍ୟ ବେଶ୍ ପ୍ରଶଂସନୀୟ ହୋଇଥିଲା। ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ରେ ୩ଟି ଆଦର୍ଶ ଗୋଲାପୀ ମତଦାନ କେନ୍ଦ୍ର କରାଯାଇ ଭୋଟଗ୍ରହଣ କାର୍ଯ୍ୟରେ ମହିଳା କର୍ମଚାରୀ ନିଯୁକ୍ତ ହୋଇଥିଲେ। ସୁନ୍ଦରଗଡ ପୌର ପରିଷଦ ପାଇଁ ୫ଜଣ ପୌରାଧ୍ୟକ୍ଷା ପ୍ରାର୍ଥିନୀ ଓ ୭୪ଜଣ କାଉନସିଲର ପ୍ରାର୍ଥୀ,ପ୍ରାର୍ଥିନୀ ପ୍ରତିଦ୍ୱନ୍ଦିତା କରିଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ଏସ୍‌ପି ସାଗରିକା ନାଥ ବିଭିନ୍ନ ବୁଥ୍ ପରିଦର୍ଶନ କରିଥିବା ବେଳେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଭୋଟ ଗ୍ରହଣ ସରିବା ପରେ ଇଭିଏମଗୁଡିକୁ କଡା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି। ପ୍ରାର୍ଥୀ, ପ୍ରାର୍ଥିନୀଙ୍କ ଭାଗ୍ୟ ଇଭିଏମ୍‌ରେ ରହିଛି। ଶନିବାର ଭୋଟଗଣତି ପରେ ଫଳାଫଳ ପ୍ରକାଶ ପାଇବ।


ଜଣେ ମତଦାତା ମତଦାନ ପାଇଁ ଯାଉଛନ୍ତି।

# ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଶିବିର

**କୁତ୍ରା, ୨୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳ ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଅଗରବତୀ ତିଆରି କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ତାଲିମ କେନ୍ଦ୍ର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ବୁଧବାର ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଷ୍ଟେଟବ୍ୟାଙ୍କ ଗ୍ରାମୀଣ ପ୍ରଶିକ୍ଷଣର ଡାଇରେକ୍ଟର ଫାତୁ କିଷାନ, କୁତ୍ରା ବ୍ଲକ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ସିଂ, ଗଙ୍ଗାଜଳ ସରପଞ୍ଚ ପ୍ରମିଳା ଗରଡ଼ିଆ, ଜିପିଏଲ ସଭାପତି, ପ୍ରଶିକ୍ଷକ ପ୍ରଭାତ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଉତ୍ସାହିତ କରିଥିଲେ। ଏଥିରେ ୩୦ଜଣ ସ୍ୱୟଂ ସହାୟକ ମହିଳା ପ୍ରଶିକ୍ଷଣ ନେଉଛନ୍ତି।


ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଉଛି।

# ଶାନ୍ତିଶୃଙ୍ଖଳାରେ ଶେଷ ବୀରମିତ୍ରପୁର ପୌରପାଳିକା ନିର୍ବାଚନ


ଆଦର୍ଶ ମତଦାନ କେନ୍ଦ୍ରରେ ଲମ୍ବାଧାଡିରେ ମତଦାତାମାନେ।

**କୁଆଁରମୁଣ୍ଡା,୨୪।୩(ଡି.ଏନ.ଏ.)**

ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୌରପାଳିକା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବୀରମିତ୍ରପୁର ପୌରପାଳିକା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଆଲେକଜାଣ୍ଡର ନୋଡାଲ ସ୍କୁଲରେ ଅନୁଷ୍ଠିତ ମତଦାନ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଥିଲା। ଏହାକୁ ମିଶାଇ ମୋଟ୍ ୩ଟି ଆଦର୍ଶ ମତଦାନ କେନ୍ଦ୍ର କରାଯାଇଥିଲା। ୧୧ଟି ୱାର୍ଡ ନିମନ୍ତେ ସର୍ବମୋଟ ୨୮ଟି ମତଦାନ କେନ୍ଦ୍ର କରାଯାଇଥିଲା। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟରମାନଙ୍କ ସୁବିଧା ନିମନ୍ତେ ଅସ୍ଥାୟୀ ସେଡ୍ ନିର୍ମାଣ ସହ ପାନୀୟ ଜଳର ସୁବନ୍ଦୋବସ୍ତ କରାଯାଇଥିଲା। ହେଲେ ପ୍ରବଳ ଖରା ସତ୍ତ୍ୱେ ମତଦାନ କେନ୍ଦ୍ରଗୁଡିକରେ ଭୋଟରମାନଙ୍କ ଲମ୍ବାଧାଡି ଲାଗିଥିବା ପରିଲକ୍ଷିତ ହୋଇଥିଲା। ୬୯ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ହୋଇଥିବା ଜଣାପଡ଼ିଛି। ଭୋଟ ଗ୍ରହଣ ଶେଷ ହେବା ପରେ ବୀରମିତ୍ରପୁର ପୋଲିସର କଡ଼ା ସୁରକ୍ଷାରେ ପୋଲିଂ ଅଧିକାରୀମାନେ ଭୋଟିଂ ମେସିନଗୁଡିକୁ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚାଇଥିଲେ। ଅନ୍ୟ ପକ୍ଷରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ଆଇନଶୃଙ୍ଖଳା ଦାୟିତ୍ୱକୁ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ପୂର୍ବାହ୍ନରେ ବୀରମିତ୍ରପୁର ପୌରାଞ୍ଚଳର ବିଭିନ୍ନ ବୁଥ ପରିଦର୍ଶନ କରି ତଦାରଖ କରିଥିଲେ। ବୀରମିତ୍ରପୁର ଏସଡିପିଓ ମାନସ ରଞ୍ଜନ ପ୍ରଧାନ, ଆଇଆଇସି ମନୋଜ ମଞ୍ଜରୀ ନାଏକ, ଏସ୍‌ପି ନାଥଙ୍କୁ ବିଭିନ୍ନ ବୁଥ ବୁଲାଇବାରେ ସହଯୋଗ କରିଥିଲେ। ପୋଲିସ କର୍ମଚାରୀମାନେ ବିଭିନ୍ନ ମତଦାନ କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ।

# ତାଲା ଭାଙ୍ଗି ଆକ୍ରମଣ ଯୋଜନା

**ଦେବଗଡ଼,୨୩।୩(ଡି.ଏନ.ଏ)**

**ସୁରକ୍ଷା ପାଇଁ ଥାନାର ଦ୍ୱାରସ୍ଥ ହେଲେ ସମ୍ବଲପୁର ଲୋକସଭା ସଦସ୍ୟଙ୍କ ସ୍ତ୍ରୀ**

ଦେବଗଡ ରାଜପ୍ରାସାଦ କବାଟରେ ଲାଗିଥିବା ତାଲା ଭାଙ୍ଗି କୌଣସି ଅଜଣା ଦୁର୍ବୃତ୍ତ ଆକ୍ରମଣ ପାଇଁ ଯୋଜନା କରିଥିବା ଜଣାପଡ଼ିଛି। ଗୁରୁବାର ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବଙ୍କ ସ୍ତ୍ରୀ ତଥା ଲିଗାଲ ରାଇଟ୍ସ କାଉନଶିଲର ରାଜ୍ୟ ସଭାନେତ୍ରୀ ଅରୁନ୍ଧତି କୁମାରୀ ଦେବୀ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ ତାଙ୍କର ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ସେ ପୋଲିସର ସହାୟତା ଲୋଡିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅରୁନ୍ଧତୀ କୁମାରୀଙ୍କ ଅଭିଯୋଗ ଅନୁଯାୟୀ ସେ ଦେବଗଡ଼ ରାଜପ୍ରାସାଦରେ ଏକୁଟିଆ ଥିବା ବେଳେ ପ୍ରାସାଦର କବାଟରେ ଲାଗିଥିବା ତାଲା ଭଙ୍ଗା ଯାଇଥିବା ଗୁରୁବାର ସକାଳେ ତାଙ୍କର ଚାକର ତାଙ୍କୁ ଜଣାଇଥିଲେ। ଫଳରେ ସେ ଦୁର୍ବଳ ଥିବା ଅନୁଭବ କରି ରାଜନୈତିକ ଉଦ୍ଦେଶ୍ୟ ରଖି କେହି ଆକ୍ରମଣ ପାଇଁ ଯୋଜନା କରୁଥିବା ସନ୍ଦେହ କରିଥିଲେ। ଏହାପରେ ସେ ନିଜର ସମର୍ଥକଙ୍କ ସହ ଦେବଗଡ ଆଦର୍ଶ ଥାନାକୁ ଯାଇ ଉପରୋକ୍ତ ଏକ ଏତଲା ପ୍ରଦାନ କରିଥିଲେ। ତେବେ କିଏ ଆକ୍ରମଣ ପାଇଁ ଯୋଜନା କରୁଛନ୍ତି ସେନେଇ ଏତଲାରେ କୌଣସି ସ୍ୱଷ୍ଟ ସୂଚନା ପ୍ରଦାନ କରିନାହାନ୍ତି।

### ମତଦାନ କେନ୍ଦ୍ର ସମ୍ମୁଖରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର

**ସୁନ୍ଦରଗଡ,୨୪।୩ (ଡି.ଏନ୍.ଏ)**

ପୌର ନିର୍ବାଚନ ସମ୍ପର୍କୀତ ଖବର ସଂଗ୍ରହ ପାଇଁ ବିଭିନ୍ନ ବୁଥକୁ ଯାଇଥିବା କେତେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୋଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ମତଦାନ କେନ୍ଦ୍ର ଭିତରକୁ ପ୍ରବେଶ ଓ ଫଟୋ ଉତ୍ତୋଳନ ପାଇଁ ବାରଣ କରିବାକୁ ନେଇ କେତେକ କେନ୍ଦ୍ରରେ ଉଭୟ ପୋଲିସ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ଏପରିକି ରଙ୍ଗାଢିପା ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ର ସମ୍ମୁଖରେ ଡ୍ୟୁଟିରେ ଥିବା ଜଣେ ମହିଳା ପୋଲିସ ଏଏସଆଇ ଓ ପୋଲିସ କର୍ମଚାରୀମାନେ ଗଣମାଧ୍ୟମ ପ୍ରତିନିଧି ଦେବେନ୍ଦ୍ର ଭିତ୍ରିଆଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ତାଙ୍କ ମୋବାଇଲ ଫୋନ୍ ଛଡାଇନେବା ନେଇ ଅଭିଯୋଗ ହୋଇଛି। ଗଣମାଧ୍ୟମ ପ୍ରତିନିଧି ଜଣକ ଏ ସମ୍ପର୍କରେ ଟାଉନ୍ ଥାନାରେ ଏତଲା ଦେଇଛନ୍ତି। ସେ ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ସୁନ୍ଦରଗଡ଼ ଏସ୍‌ପିଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରି ଏହାର ତଦନ୍ତ ପାଇଁ ଦାବି କରିଛନ୍ତି। ଏହାକୁ ସାମ୍ବାଦିକ ସଂଘ ଓ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଉଛି।

# ଗ୍ରାମୀଣ ଫୁଟବଲ : ବଲାଣି ଜେଟି ଚାମ୍ପିୟନ

**ରାଉରକେଲା ଅଫିସ,୨୪।୩**

ରାଉରକେଲା ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ପରିସରରେ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ ଆୟୋଜିତ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଲାଠିକଟା ବଲାଣି ଜେଟି ଓ କୁଆଁରମୁଣ୍ଡା କାଲୋଶିରିଆ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବଲାଣି ଜେଟି ଦଳ କାଲୋଶିରିଆ ଦଳକୁ ୩-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ନୂଆଗାଁ, ବିଶ୍ରା, କୁଆଁରମୁଣ୍ଡା, ଲାଠିକଟା ଅଞ୍ଚଳର ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ସିଏସ୍‌ଆର ବିଭାଗର ସିଜିଏମ୍ ଅଜୟ କୁମାର ନାୟକ, ସମାଜ କଲ୍ୟାଣ ବିଭାଗର ଜିଏମ୍ ବି. କେ. ରାଉତ, ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ରା ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

# ଦେବଗଡ଼ ପୌର ପରିଷଦ ନିର୍ବାଚନ: ୭୩ ପ୍ରତିଶତ ମତଦାନ

**ଦେବଗଡ଼,୨୪।୩(ଡି.ଏନ୍.ଏ.)**

ଦେବଗଡ଼ ପୌରାଞ୍ଚଳରେ ଗୁରୁବାର ଶାନ୍ତିଶୃଙ୍ଖଳାର ସହ ମତଦାନ ଅନୁଷ୍ଠିତ ହୋଇଛି। ୭୩ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ୧୧ ୱାର୍ଡ ବିଶିଷ୍ଟ ଦେବଗଡ଼ ପୌର ପରିଷଦର ୨୧ଟି ମତଦାନ କେନ୍ଦ୍ରରେ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତ ଗ୍ରହଣ କରାଯାଇଥିଲା। ପୌରାଞ୍ଚଳର ମୋଟ ୧୬୮୧୬ ଭୋଟରଙ୍କ ମଧ୍ୟରୁ ୧୨୨୭୬ ଜଣ ମତଦାତା ମତଦାନ କରିଥିଲେ। ଏମାନଙ୍କ ମଧ୍ୟରୁ ୬୦୪୨ ପୁରୁଷ ଏବଂ ୬୨୩୪ ମହିଳା ରହିଛନ୍ତି। ଯାହାକି ମୋଟ ଭୋଟର ସଂଖ୍ୟାର ୭୩ ପ୍ରତିଶତ ବୋଲି ଜଣାପଡିଛି। ଏହି ପୌର ନିର୍ବାଚନକୁ ସୂଚାରୁ ରୂପେ ପରିଚାଳନା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବୁଥରେ ଇଭିଏମ୍ ମେସିନ ସହ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର, ୪ ପୋଲିଂ ଅଫିସର ଏବଂ ଜଣେ ଲେଖାଏଁ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିବାବେଳେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଜଣେ ପୋଲିସ ଅଫିସରଙ୍କ ସହ ୩ଟି ମୋବାଇଲ ଟିମ୍ ନିୟୋଜିତ କରାଯାଇଥିଲା। ମୋଟ ୨୧ଟି ବୁଥ ମଧ୍ୟରୁ ୩ଟି ପିଙ୍କ ବୁଥ କରାଯାଇ ମହିଳା କର୍ମଚାରୀଙ୍କ ଦ୍ୱାରା ସୂଚାରୁ ରୂପେ ମତଗ୍ରହଣ କରାଯାଇଥିଲା। ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ ଓ ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କ ସମେତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ଜିଲାସ୍ତରୀୟ ଅଧିକାରୀମାନେ ମତଦାନ କେନ୍ଦ୍ରଗୁଡିକ ପରିଦର୍ଶନ କରିଥିଲେ। ସେହିପରି ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ, ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଓ ଦେବଗଡ ଅଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ପ୍ରମୁଖ ସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ତଦାରଖ କରିଥିଲେ।


ଲୋକେ ଭୋଟ ଦେବାକୁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

## ସଂକ୍ଷେପରେ

### ସ୍କୁଲରେ ବିଜ୍ଞାନ ଓ କଳା ପ୍ରଦର୍ଶନୀ

**ସମ୍ବଲପୁର,୨୪।୩ (ବ୍ୟୁରୋ):** ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପୁରୁଣା ବଳାରଙ୍ଗା ସରକାରୀ ଉନ୍ନୀତ ହାଇସ୍କୁଲଠାରେ ବୁଧବାର ବିଜ୍ଞାନ ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ବିଜ୍ଞାନ, ୧୦ ହସ୍ତଶିଳ୍ପ, ଭୂଗୋଳ, ସଂସ୍କୃତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ଡ. ଗିରିଧାରୀ ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷାବିତ୍ ଉଦିତଚନ୍ଦ୍ର ପାଙ୍ଗଯୋଷୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୀତାରାମ ଭୋଇ, ତୃଷ୍ଣାମୟୀ ନାଥ, ତନୁଜା ମହାପାତ୍ର ସମ୍ମାନିତ ଅତିଥି ଥିଲେ। ରାକେଶ ସାହୁ, ମହେନ୍ଦ୍ର ବାରିକ ଓ ଘନଶ୍ୟାମ ପାଣ୍ଡେ ବିଚାରକ ଭାବେ ଯୋଗଦେଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା।

### ହୀରାକୁଦରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଶୁଭାରମ୍ଭ



ପାନୀୟ ଜଳ ପ୍ରକଳ୍ପ ଶୁଭାରମ୍ଭ କରାଯାଉଛି

ସମ୍ବଲପୁର,୨୪।୩(ବ୍ୟୁରୋ)- ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦଠାରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଶୁଭାରମ୍ଭ ହୋଇଛି। ଅଶୋକ ଜଲାନ ଫାଉଣ୍ଡେଶନ ଓ ରାୟନ୍ସ କ୍ଲବ ଅଫ ହୀରାକୁଦ ରୟାଲ୍ସ ମିଳିତ ଭାବେ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଇଂ ଅଶୋକ ଜଲାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ହିରାକୁଦ ଷ୍ଟେଟବ୍ୟାଙ୍କ ଶାଖା ପ୍ରବନ୍ଧକ ଯଶକେତନ ସାହୁ, ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ ସମ୍ମାନିତ ଅତିଥି ଥିଲେ। କ୍ଲବ ସଭାପତି ଲକ୍ଷ୍ମୀ ପ୍ରସାଦ କଲେତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ କ୍ଲବ ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, କୋଷାଧକ୍ଷ ବିଳାସିନୀ ନାୟକ, ବିକାଶ ଅଗ୍ରୱାଲ, ଗୌତମ ସୁପକାର, ଯୁଧିଷ୍ଠିର ରଣା, କୁନା ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ପତଞ୍ଜଳି ଯୋଗ ସମିତିର ଶହୀଦ ଦିବସ

**ସମ୍ବଲପୁର,୨୪।୩ (ବ୍ୟୁରୋ):** ହୀରାକୁଦ କଲୋନୀସ୍ଥିତ ପତଞ୍ଜଳି ଯୋଗ କେନ୍ଦ୍ରଠାରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଯୋଗ ପ୍ରଶିକ୍ଷିକା ତଥା ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀଙ୍କ ପରିଚାଳନାରେ ସକାଳେ ଯୋଗ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଗୋଳ ବଜାରସ୍ଥିତ ଶଦୀଦ ଛକଠାରେ ଶହୀଦ ଭଗତ ସିଂ, ରାଜଗୁରୁ, ଶୁଖଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସାକ୍ଷୀ ଚିନ୍ଦ୍ରା, ବର୍ଷା ସୋନି, ରୁଦ୍ର ମେହେର ବୀରବେଶ ପ୍ରତିଯୋଗିତାରେ ଭାଗ ନେଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୁଶାନ୍ତ ସାହୁ, ଦୀପକ ଦୀକ୍ଷିତ, ଅଶୋକ ଦୀକ୍ଷିତ, ପୁଷ୍ପା ନାୟକ, ଆରତୀ ଷଡଙ୍ଗୀ, ପ୍ରଶାନ୍ତ ମେହେର, ସନ୍ତୋଷିନୀ ମେହେର, ଅରୁଣ ବିହାରୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ : ଆଭେଞ୍ଜର ଚାମ୍ପିୟନ

**ରାଉରକେଲା ଅଫିସ,୨୪।୩:** ରାଉରକେଲା କୋଏଲନଗର ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ପ୍ରଥମ ବିଜୁ ମେମୋରିଆଲ ଡେ-ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍ଯାପିତ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ କେଏମ୍ଏସ୍‌ସିସି ଓ ଆଭେଞ୍ଜର ଦଳ ମଧ୍ୟରେ ଖେଳା ଯାଇଥିଲା। କେଏମ୍ଏସ୍‌ସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୩୮ରନ କରିଥିଲା। ଜବାବରେ ଆଭେଞ୍ଜର ଦଳ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରାଯାଇଥିଲା। ନିହାର ରଞ୍ଜନ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ନଗର ସଭାପତି ଗଗନ ପଣ୍ଡା, ଜୋସ୍ନା ନାୟକ, ସଞ୍ଜୀବ ମହାନ୍ତି, ଶୁଶାନ୍ତ ରାଉତ, ଧୀରେନ ପଟ୍ଟନାୟକ, ଶୁକଦେବ କୁଅଁର, ସଂଗ୍ରାମ ମହାନ୍ତି, ରାହୁଲ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି

- ୨୦୨୦-୨୧ରେ ୪,୮୧,୦୨୫ ଶ୍ରମ ଦିବସ ସୃଷ୍ଟି
- ୧୧୨୫ ପରିବାର ପାଇଛନ୍ତି ଶହେ ଦିନର କାର୍ଯ୍ୟ

**ନାକଟିଦେଉଳ,୨୪।୩ (ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ୧ ଏପ୍ରିଲ ୨୦୨୦ରୁ ୩୧ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଏହି ଦୁଇ ଯୋଜନାରେ ହୋଇଥିବା ବିଭିନ୍ନ କାର୍ଯ୍ୟର ସାମାଜିକ ସମୀକ୍ଷା ସହ ଶୁଣାଣି କରାଯାଇଥିଲା। ବିଡିଓ ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୦-୨୧ ଆର୍ଥିକ ବର୍ଷରେ ବ୍ଲକରେ ୯୩୦ କାର୍ଯ୍ୟ ହାତକୁ ନିଆଯାଇଥିବା ବେଳେ ସେଥିରୁ ୩୩୧୯ଟି କାର୍ଯ୍ୟ ଶେଷ ହୋଇଛି। ବ୍ଲକର ୧୩,୪୪୯ ପରିବାର ଜବ୍‌କାର୍ଡ଼ ନିମନ୍ତେ ପଞ୍ଜୀକରଣ କରିଥିଲେ ଓ ସେଥିରୁ ୧୩,୨୧୧ ପରିବାରକୁ



ଶିବିରରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲୋକପ୍ରତିନିଧି।

ପ୍ରଦାନ କରାଯାଇଛି। ୯୫୦୮ ପରିବାର କାର୍ଯ୍ୟ ପାଇଁ ଆବେଦନ କରିଥିବାବେଳେ ୯୫୦୧ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ଏହି ଆର୍ଥିକ ବର୍ଷରେ ସମୁଦାୟ ୪,୮୧,୦୨୫ ଶ୍ରମ ଦିବସ ସୃଷ୍ଟି କରାଯାଇ ୧୧୨୫ ପରିବାରକୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସମ୍ପର୍କରେ ବ୍ଲକର ଭାରପ୍ରାପ୍ତ ଏପିଓ ଶେଷଦେବ ଧଳ ସୂଚନା ଦେଇଥିଲେ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ଗ୍ରା.ପ.ରେ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରାଯାଇଥିବା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ବିଭିନ୍ନ ପଞ୍ଚାୟତରେ ଅନିୟମିତତା ହୋଇଥିବା ସମୀକ୍ଷାରେ ଜଣାପଡ଼ିଥିଲା। ସମ୍ପୃକ୍ତ କର୍ମଚାରୀଙ୍କଠାରୁ ଏହି ଅର୍ଥ ଆଦାୟ କରାଯିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ବିନା ସୂଚନା ଫଳକରେ କାର୍ଯ୍ୟ କରାଯାଉଥିବା ଓ ଗାଁ ସାଥୀମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଗାଁ ସାଥୀ ଯୁଧିଷ୍ଠିର ବିଶ୍ୱାଳ ଅଭିଯୋଗ କରିଥିଲେ। ସେହିପରି କାମ କରି ମଧ ଠିକ୍ ସମୟରେ ପାଉଣା ମିଳି ନ ଥିବା ଅନ୍ୟଜଣେ ଗାଁ ସାଥୀ ସୁଶୀଳ ବିଶ୍ୱାଳ ଅଭିଯୋଗ କରିଥିଲେ। ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ରେଢାଖୋଲ ଡେପୁଟି କଲେକ୍ଟର ଏଜଲିନ ବାରା, ମନରେଗାର ଜିଲା ଲୋକପାଳ ବ୍ରଜେନ୍ଦ୍ର କିଶୋର ପଣ୍ଡା ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଗ୍ରା.ପ.ର ସରପଞ୍ଚ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶାନ୍ତିପୂର୍ଣ୍ଣ ଭାବେ ସରିଲା ମତଦାନ

**ବ୍ରଜରାଜନଗର,୨୪।୩ (ଡି.ଏନ.ଏ.)**

ବ୍ରଜରାଜନଗର ପୌରାଞ୍ଚଳରେ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ପୌରାଞ୍ଚଳର ସମସ୍ତ ୨୩ଗୋଟି ୱାର୍ଡରେ ଅଧକ୍ଷ ପାଇଁ ମତଦାନ ହୋଇଛି। ଅନ୍ୟପକ୍ଷେ ୬ ଓ ୨୩ନଂ ୱାର୍ଡରେ ବିଜେଡି କାଉନସିଲର ପ୍ରାର୍ଥୀ ବିଜୟୀ ହୋଇ ସାରିଥିବାରୁ ଏହି ଦୁଇ ୱାର୍ଡକୁ ବାଦ୍‌ଦେଇ ବାକି ୨୧ ୱାର୍ଡରେ କାଉନ୍‌ସିଲର ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଚାଲିଥିଲା। ଟେଲେନପାଲୀ ଲମଟିବହାଲ ଓପିଏମ୍ କଲୋନୀରେ ଏକାଧିକ ୱାର୍ଡ ରହିଥିବାରୁ ଦିନତମାମ ଗହଳି ଦେଖିବାକୁ ମିଳିଥିଲା। ମୋଟ ୬୮ଗୋଟି ବୁଥ୍‌ରେ ମତଦାନ କରାଯାଇଥିଲା।

# କୁଚିଣ୍ଡା ଏନ୍ଏସିରେ ୭୮ ପ୍ରତିଶତ ମତଦାନ

**କୁଚିଣ୍ଡା,୨୪।୩ (ଡି.ଏନ.ଏ.)**

କୁଚିଣ୍ଡା ଏନ୍ଏସି ନିବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ମିଳିଥିବା ସୂଚନା ମୁତାବକ ଏନ୍ଏସିରେ ମୋଟ ୧୧ ୱାର୍ଡର ୧୩ ବୁଥ୍‌ରେ ୭୮ପ୍ରତିଶତ ମତଦାନ ହୋଇଛି। ମୋଟ ୧୧,୮୩୦ ଭୋଟର ରହିଥିବା ବେଳେ ୯,୨୪୫ଜଣ ମତଦାତା ମତ ସାବ୍ୟସ୍ତ କରିଛନ୍ତି।

# ଶହୀଦ ଭଗତ ସିଂ, ରାଜଗୁରୁ, ସୁଖଦେବଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୨୪।୩ (ବ୍ୟୁରୋ)**

ବ୍ରିଟିଶ କବଳରୁ ମାତୃଭୂମିର ମୁକ୍ତି ପାଇଁ ଯୁବାବସ୍ଥାରେ ଫାଶୀ ଖୁଣ୍ଟରେ ଝୁଲିଥିବା ମହାନ୍ କ୍ରାନ୍ତିକାରୀ ଶହୀଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କୁ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମଞ୍ଚ କର୍ମକର୍ତ୍ତା ସ୍ଥାନୀୟ ଗୋଲବଜାରସ୍ଥିତ ସେମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ବିଚାର ମଞ୍ଚ ଆବାହକ ବେଣୁଧର ଦାଶଙ୍କ ନେତୃତ୍ୱରେ ସଦସ୍ୟମାନେ ଏହି ମହାନ୍ ଦେଶଭକ୍ତଙ୍କ ବଳିଦାନକୁ ଶହୀଦ ଦିବସ ରୂପେ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ମିଶ୍ର, ଗିରିଶ ପଟେଲ, ବୀରେନ୍ଦ୍ର ରାଏ, ମାନସ ରଞ୍ଜନ ବକ୍ସି, ଶ୍ରୀକାନ୍ତ ପାଣିଗ୍ରାହୀ, ଅନ୍ନପୂର୍ଣ୍ଣା ବାରିକ, ରୁନୁ ପ୍ରଧାନ, ମମତା ପଣ୍ଡା, ରିଙ୍କି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ହାଇୱାକୁ ୬୦ ହଜାର ଜରିମାନା

## ବାଲି ଚୋରା ଚାଲାଣ

**ସମ୍ବଲପୁର,୨୪।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ପକ୍ଷରୁ ଚଢାଉ କରାଯାଇ ବାଲି ଚୋରା ଚାଲାଣ କରୁଥିବା ୨ ହାଇୱା ଜବତ କରାଯାଇଛି। ତହସିଲଦାର ଅଭିଷେକ ସାହୁ ତହସିଲ ଅଫିସ ସମ୍ମୁଖରେ ହାଇୱା ଅଟକାଇ ଯାଞ୍ଚ କରିଥିଲେ। ଗାଡିରେ କୌଣସି କାଗଜପତ୍ର ନ ଥିବାରୁ ବେଆଇନ ବୋଲି ଜଣାପଡିଥିଲା। ଯୁଯୁମୁରା ଆର୍‌ଆଇ କିଶୋର ବେହେରା ଓ ଏଆର୍‌ଆଇ ହରିଶ ପଟେଲ ପହଞ୍ଚି ବାଲି ପରିମାଣ ଦେଖି ଜରିମାନା ସ୍ଥିର କରିଥଲେ। ଜବତ



ଜବତ କରାଯାଇଥିବା ହାଇୱା ।

ହାଇୱା ଦୁଇଟି ହେଲା ଓଡି୧୫ଜି-୧୯୬୭ ଓ ଓଡି୧୫ଏମ୍-୫୫୦୨। ପ୍ରତ୍ୟେକ ଗାଡିଠାରୁ ୩୦ ହଜାର ଟଙ୍କା ଲେଖାଏ ଜରିମାନା ଅଦାୟ କରାଯାଇଥିଲା।

## କୃଷକ ସୁରକ୍ଷା ସଙ୍ଗଠନ ବୈଠକ

**ଜମନକିରା, ୨୪।୩ (ଡି.ଏନ.ଏ.)**

ଜମନକିରା ବ୍ଲକ କେନାଡ଼ିପା ପଞ୍ଚାୟତ ସଭାଗୃହରେ କୃଷକ ସୁରକ୍ଷା ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ରାଜକିଶୋର ବେହେରା ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲା ମିଳିତ କୃଷକ ସୁରକ୍ଷା ସଙ୍ଗଠନ ଆବାହକ ଅଶୋକ କୁମାର ପଧାନ ମୁଖ୍ୟଅତିଥି ଓ ଅଲେଖ ପଟେଲ, ବୀରେନ୍ଦ୍ର ପଟେଲ, ହିମାଦ୍ରି ଦେହୁରି, ସୁଶାନ୍ତ ପଟେଲ, ମଙ୍ଗଲୁ ରଣା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ଶଙ୍ଖାଭାଙ୍ଗୁଣୀ ନାଳରେ ଡ୍ୟାମକୁ ବିରୋଧ କରାଯିବା ଉପରେ ଆଲୋଚନା ହୋଇଥିଲା। ଦରକାର ପଡ଼ିଲେ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ଚାଷୀମାନେ ମତପ୍ରକାଶ କରିଥିଲେ। ନବନିର୍ବାଚିତ ସରପଞ୍ଚ କଲ୍ୟାଣୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ସଞ୍ଜୟ ଧରୁଆ, ପ୍ରକାଶ ନାୟକ, ଗୁଣନିଧି ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର କୁଜୁର, ନାଏବ ସରପଞ୍ଚ ଜ୍ଞାନେନ୍ଦ୍ର ମରେଇ ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ। ଶେଷରେ ହରେଶ ପଟେଲ ଧନ୍ୟବାଦ ଦେଇଥିଲେ।

# ଆର୍‌ପିଏଲ୍ ରାତ୍ରି କ୍ରିକେଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳି।

**ଜମନକିରା, ୨୪।୩ (ଡି.ଏନ.ଏ.)**

ଜମନକିରା ବ୍ଲକ ସଦର ମହକୁମାରେ ବୁଧବାର ରାତିରେ ଆର୍‌ପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ରାଇଜିଂ ଷ୍ଟାର ଓ ଟ୍ରୋଫି ଫାଇଟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରୋଫି ଫାଇଟର୍ସ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଡା. ଦିବ୍ୟରଞ୍ଜନ ବେହେରା, ଖବରଦାତା ରବୀନ୍ଦ୍ର ପ୍ରସାଦ ଦାନି, ସତ୍ୟପ୍ରିୟ ମହାପାତ୍ର, ଅକ୍ଷୟ ନାଏକ ପ୍ରମୁଖ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଏହି ଟୁର୍ନାମେଣ୍ଟ ୪୨ ଦିନ ଧରି ଚାଲିବ ବୋଲି ମା' ବୀଣାପାଣି କ୍ଲବ୍ ପକ୍ଷରୁ କୁହାଯାଇଛି। ଅମ୍ପାୟର ଭାବେ ସାଗର ଗୁପ୍ତା, ବିଶାଳ ଦେବନାଥ, ଆଦର୍ଶ ବଡ଼େଇ ପ୍ରମୁଖ ଯୋଗଦେଇ ଖେଳ ପରିଚାଳନା କରିଥିଲେ। କ୍ଲବ୍ ସଭାପତି ଶିବା ବାଘ, ସମ୍ପାଦକ ରାଜକୁମାର ରଣା, ଉପସଭାପତି ରାଜା ସାହୁ, ସହସମ୍ପାଦକ ସୌରଭ ଦେବନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜୟନ୍ତୀ

**ସମ୍ବଲପୁର,୨୪।୩(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ଗାନ୍ଧୀ ଭାବେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୦ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାହ୍ନ ୯ଟାରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମନ୍ଦଲିଆ ପାର୍କସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ବୁଦ୍ଧିଜୀବୀ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ପ୍ରତିନିଧି, ଦଳମତ ନିର୍ବିଶେଷରେ ରାଜନୈତିକ ନେତୃବର୍ଗ ଯୋଗଦେଇ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ପ୍ରାକ୍ତନ ଶିକ୍ଷା ମଣ୍ଡଳାଧିଶ ଅରବିନ୍ଦ ମହାପାତ୍ର, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ଭାଜପା ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲ, ଶ୍ରମିକ ନେତା ରତିକାନ୍ତ ମହାନ୍ତି, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ଚାଷୀ ନେତା ଶଶୀଭୂଷଣ ତ୍ରିପାଠୀ, ଆଇନଜୀବୀ ଦୀନଦୟାଲ ଅଗ୍ରୱାଲ, ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ପ୍ରମୁଖ ସ୍ୱର୍ଗତ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।




ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

## କୃଷି ଭିତ୍ତିକ ପ୍ରସାର ରଥ ଉଦ୍‌ଘାଟିତ

**କୋକସରା,୨୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ଗୁରୁବାର କୃଷି ଭିତ୍ତିକ ପ୍ରସାର କାର୍ଯ୍ୟକ୍ରମ ରଥ ଉଦ୍‌ଘାଟିତ ହୋଇଯାଇଛି। କୃଷି ଜିଲା ଅଧିକାରୀ ଧର୍ମଗଡ ଦ୍ୱାରା ଆୟୋଜିତ କୃଷି ଭିତ୍ତିକ ପ୍ରସାର ରଥ ୨୪ ତାରିଖଠାରୁ ଆରମ୍ଭ ହୋଇ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରିବ। ଏଥିରେ ପାଲ ଦଳ ଅଭିନୟ ମାଧ୍ୟମରେ ସରକାରଙ୍କ ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମ ଉପରେ ଜନସଚେତନତା ସୃଷ୍ଟି କରିବେ। ସହକାରୀ କୃଷି ଅଧିକାରୀ ଲିଙ୍ଗରାଜ ମେହେର ପତାକା ଦେଖାଇ ପ୍ରସାର ରଥ ଶୁଭାରମ୍ଭ କରିଥିଲେ।

# ରାଜ୍ୟସ୍ତରୀୟ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

**କୁଚିଣ୍ଡା,୨୪।୩ (ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲରେ ଗୁରୁବାର ରାଜ୍ୟସ୍ତରୀୟ କନିଷ୍ଠ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଆଇପିଇ ଜଗବନ୍ଧୁ ବେହେରା ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା ଓ କୁଚିଣ୍ଡା ପ୍ରତିଭା ବିକାଶ ଅଭିଯାନର ଆବାହକ ପ୍ରଭାତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡକ୍ରସର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଭାବେ କୁଲୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ପଧାନ ଓ ସିନ୍ଦୁରପଙ୍କ ହାଇସ୍କୁଲ ପିଇଟି ସୂର୍ଯ୍ୟ ରଞ୍ଜନ ପଣ୍ଡା ଯୋଗଦେଇ କୁଚିଣ୍ଡା, ବାମରା, ଜମନକିରା ଓ ରେଙ୍ଗାଲି ବ୍ଲକ ଅଧୀନ ୩୦ ହାଇସ୍କୁଲର ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଚନ୍ଦନିମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳଲୋଚନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ ଶିବିର ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଦେବାନନ୍ଦ କର୍ସେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ରାଉରକେଲା ଅଫିସ,୨୪।୩**

ରାଉରକେଲା ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦ୍ ମଜଦୁର ସଭା ଓ ନିଖିଳ ଓଡ଼ିଶା ଗୃହ ମଜଦୂର ସଭା ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୃହ କର୍ମଚାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ମାସିକ ୫ ଶହ ଟଙ୍କା ଅନୁକମ୍ପା ସହାୟତା ରାଶି ପ୍ରଦାନ, ୬୦ ବର୍ଷରୁ ମାସିକ ୩ ହଜାର ଟଙ୍କା ପେନସନ ସୁବିଧା ଦେବା ଭଳି ୫ ଦଫା ଦାବି କରାଯାଇଥିଲା। ଏ ନେଇ ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି, ସଭାନେତ୍ରୀ ଚନ୍ଦ୍ର ରାଓ, ପ୍ରମିଳା କିଣ୍ଡୋ, ମୁକ୍ତା ବାଗ, ଜ୍ୟୋସ୍ନା ପାଲ, ସବିତା ବାଗ, ତୁଳସୀ ନାଗଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୩ ପୌର ପରିଷଦରେ ୬୮.୩୬% ମତଦାନ

**ଝାରସୁଗୁଡ଼ା ଅଫିସ,୨୪।୩**

ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର, ଝାରସୁଗୁଡ଼ା ଓ ବେଲପାହାଡ଼ ପୌର ପରିଷଦରରେ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଏହି ୩ ପୌରାଞ୍ଚଳରେ ୧,୬୦,୭୮୨ ଭୋଟର ଥିବାବେଳେ ୬୬ ୱାର୍ଡରେ ୧୮୭ ବୁଥ୍‌ରେ ମତଦାନ ହୋଇଥିଲା। ମତଦାନ ହାର ୬୮.୩୬ ପ୍ରତିଶତ ହୋଇଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ତରଫରୁ ଜଣାପଡିଛି। ଝାରସୁଗୁଡା ପୌର ପରିଷଦରେ ୭୫,୪୫୮ ଭୋଟରଙ୍କ ମଧ୍ୟରୁ ୫୦,୪୨୭ଜଣ ମତଦାନ କରିଛନ୍ତି। ମତଦାନ ହାର ୬୬.୦୩ ରହିଛି । ବ୍ରଜରାଜନଗର ପୌର ପରିଷଦରେ ମତଦାନ ହାର ୬୭.୨୧ପ୍ରତିଶତ ରହିଛି। ବେଲପାହାଡ଼ ପୌର ପରିଷଦରେ ୨୭,୦୮୭ ଭୋଟରଙ୍କ ମଧ୍ୟରୁ ୨୦,୩୪୭ଜଣ ମତଦାନ କରିଛନ୍ତି।



ମତଦାନ ପାଇଁ ଝାରସୁଗୁଡ଼ା ପୌର ପରିଷଦର ଏକ ବୁଥ୍‌ରେ ଭୋଟରଙ୍କ ଲମ୍ବା ଧାଡ଼ି।

ଏଠାରେ ମତଦାନ ହାର ୭୫.୧୨ ପ୍ରତିଶତ ରହିଛି। ମତଦାନ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଭୋଟରମାନେ ନିଜ ମତସାବ୍ୟସ୍ତ ପାଇଁ ବୁଥ୍‌ରେ ଲମ୍ବା ଧାଡିରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ନିର୍ବାଚନ ତଦାରଖ ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ, ପୌର ନିର୍ବାଚନ ଅଧିକାରୀ ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ ଓ ଏପିଡି ସୁକାନ୍ତ ମାଝି ପ୍ରମୁଖ ବିଭିନ୍ନ ବୁଥ୍ ପରିଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ବୁଥ୍‌ରେ ପୋଲିସ୍ ମୁତୟନ ହୋଇଥିଲେ। ଉତ୍ତେଜନା ପ୍ରବଣ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ଏହାର ତଦାରଖ ଏସ୍‌ପି ବିକାଶ ଚନ୍ଦ୍ର ଦାସ କରିଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୨୫ ମାର୍ଚ୍ଚ, ୨୦୨୨

## ତୈଳିକ ବୈଶ୍ୟ ସମାଜର କର୍ମଶାଳା

ପାଇକମାଲ,(ଡି.ଏନ.ଏ): ବରଗଡ଼ ଜିଲା ତୈଳିକ ବୈଶ୍ୟ ସମାଜର ଏକ କର୍ମଶାଳା ନୃସିଂହନାଥଠାରେ ଗୁରୁବାର ଜିଲା ସଭାପତି ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ତୈଳିକ ସମାଜର ନୀତିନିୟମ ତଥା ସମ୍ବିଧାନ ସଂଶୋଧନ ଉପରେ ଆଲୋଚନା କରି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଲୋଚନାରେ ମାର୍କଣ୍ଡ ସାହୁ, ଦେବରାଜ ସାହୁ, ରାଜକିଶୋର ସାହୁ, ଦିନେଶ୍ୱର ସାହୁ, ଭିକାରୀ ସାହୁ, ଡଃ ଚୈତନ୍ୟ ସାହୁ ପ୍ରମୁଖ ନିଜ ମତ ରଖିଥିଲେ। ଶେଷରେ ସମ୍ପାଦକ ପରମେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ସଂକ୍ଷେପରେ

### ଶ୍ୱଶୁରଘରୁ ଫେରିବା ବାଟରେ ଚାଲିଗଲା ଜୀବନ

**ରାସ୍ତାକଡ଼ ଗଛତଳୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଥିଲେ ଯୁବକ**

**ଲୋଇସିଂହା,୨୪।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଚୌହାନପାଲି ଛକରୁ ଗୁରୁବାର ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ଯୁବକଙ୍କ ମୃତ୍ୟୁ ଘଟିଛି। ଲୋଇସିଂହା ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଅପରାହ୍ନରେ ଭର୍ତ୍ତି କରିଥିଲେ । ମୃତକ ସୁବର୍ଣ୍ଣପୁର ଜିଲା ତରଭା ନିକଟ ସରଗଜ ଗ୍ରାମର ଶିବ ମହଲା(୪୭) ବୋଲି ଚିହ୍ନଟ କରାଯାଇଛି। ଲୋଇସିଂହା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଘଟଣାସ୍ଥଳରୁ ଶିବଙ୍କ ସାଇକେଲ ଜବତ ହୋଇଛି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୬/୨୨) ରୁଜୁ ହୋଇଛି। ଶିବ ଅପରାହ୍ନରେ ଶଶୁର ଘର ଲୋଇସିଂହା ଥାନା ଆଗଲପୁର ବ୍ଲକ ବକଟି ଗ୍ରାମରୁ ନିଜ ଗ୍ରାମ ସରଗଜକୁ ସାଇକେଲରେ ଫେରୁଥିଲେ। ଲୋଇସିଂହା-ମେଣ୍ଡା ରାସ୍ତାର ଚୌହାନପାଲି ଛକ ନିକଟରେ ଥିବା ସେମେଲ ଗଛ ଛାଇରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଶ୍ରାମ ନେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଉଠିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଭର୍ତ୍ତି କରିଥିଲେ ।

### ଲୋକନୃତ୍ୟରେ ଜଙ୍ଗଲ ସୁରକ୍ଷା ସଚେତନତା

**ଲୋଇସିଂହା,୨୪।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ପର୍ଯ୍ୟଟନ କ୍ଷେତ୍ର ହରିଶଙ୍କର ଓ ନନ୍ଦୁପଲାରେ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା କରାଯାଇଛି। ଅନୁଷ୍ଠାନ ସଭାପତି ରାଜକିଶୋର ସେଠଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଜଙ୍ଗଲ ଧ୍ୱଂସ ଯୋଗୁ ଭୋଗୁଥିବାକୁ ପରିଣାମ ଓ ଜଙ୍ଗଲ ବୃଦ୍ଧି ହେଲେ ପରିବେଶ କିପରି ସନ୍ତୁଳନ ରହିବ ବୋଲି ଲୋକନୃତ୍ୟ ମାଧ୍ୟମରେ କଳାକାରମାନେ ସୂଚନା ଦେଇଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ ହରିଶଙ୍କର ମନ୍ଦିର ପରିସର ସଫେଇ କାର୍ଯ୍ୟ ହାତକୁ ନିଆଯାଇଥିଲା। ନାରାୟଣ ବାରିକ, କୈଳାସ ପଧାନ, ରୂପବତୀ ସେଠ, ସୁକାନ୍ତି ପଧାନ, କେଶବ ପଧାନ ଫକିର ବଗର୍ତ୍ତି, ସନତ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

### ଗଡ଼ିଲା 'ପଢ଼ନା ଲିଖନା' ସଚେତନତା ରଥ

**କୋକସରା,୨୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ସାକ୍ଷର ମିଶନ ପ୍ରାଧିକରଣ ଦ୍ୱାରା ଗୁରୁବାର କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ 'ପଢ଼ନା ଲିଖନା' ସଚେତନତା ରଥ ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ କୋକସରା ସରପଞ୍ଚ କିଶୋର ପ୍ରଧାନୀ, ଏବିଓ ତୋଫାନ ମାଝି ପ୍ରମୁଖ ଉପସ୍ଥିତ ରହି ସଚେତନ ରଥ ଉଦ୍‌ଘାଟନ କରିଥିଲେ। ସଚେତନତା ରଥ ବ୍ଲକର ବିଭିନ୍ନ କ୍ଲଷ୍ଟର ପରିଭ୍ରମଣ କରି ୧୫ରୁ ଊର୍ଦ୍ଧ୍ୱ ବୟସର ଅଣସାକ୍ଷରମାନଙ୍କୁ ସାକ୍ଷର ପାଇଁ ସଚେତନ କରିବ। କାର୍ଯ୍ୟକ୍ରମ ବୈକୁଣ୍ଠ ଜାଲ ପରିଚାଳନା କରିଥିଲେ। ଅଜୟ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲ୍ୟବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୨୪।୩(ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବାଲ୍ୟବିବାହ ନିରୋଧ ଓ କ୍ୟାରିୟର କାଉନସିଲିଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ହୋତାଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ବୀରମହାରଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁବଳୟା ଥାନାଧିକାରିଣୀ ଅନିତା କିଡୋ,ସ୍ଥାନୀୟ ସରପଞ୍ଚ ଅଳକା ମିଶ୍ର,ନାଏବ ସରପଞ୍ଚ ପୀତବାସ ମହାକୁର,ସ୍କୁଲ ପରିଚାଳନା କମିଟିର ଶେଷଦେବ ଗାଇଗରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବାଲ୍ୟବିବାହର କୁପରିଣାମ ବିଷୟରେ କହିବା ସହିତ ବାଲ୍ୟବିଭାହ ନ କରିବାକୁ ସଚେତନ କରିଥିଲେ। ଏହାପରେ ସୁବର୍ଣ୍ଣପୁର ଆଇଟିଆଇର ଏଟିଓ ଧିରେଶ ସାହୁ କ୍ୟାରିୟର କାଉନସିଲିଂ ଉପରେ ସଚେତନ କରିଥିଲେ। ସୁନିଲ କୁମାର ପଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ଶିକ୍ଷକ ସୁରେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଭିଏମ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ

**ବରଗଡ଼ ଅଫିସ୍,୨୪।୩**

ବରଗଡ଼ ଜିଲାରେ ଗୁରୁବାର ପୌର ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ଜିଲାର ବରଗଡ଼ ମ୍ୟୁନିସିପାଲିଟି ସମେତ ବରପାଲି, ବିଜେପୁର ଏବଂ ପଦ୍ମପୁର ଏନ୍‌ଏସିରେ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା। ଜିଲାରେ ମୋଟ୍ ୭୧ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ବିଜେପୁର ଏନ୍‌ଏସିରେ ସର୍ବାଧିକ ୮୪.୭୧ ଏବଂ ବରଗଡ଼ ମ୍ୟୁନିସିପାଲିଟିରେ ସର୍ବନିମ୍ନ ୬୧.୯୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଇଭିଏମ୍ (ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ)ରେ ପ୍ରାର୍ଥୀଙ୍କ ଭାଗ୍ୟ ବନ୍ଦ ରହିଛି । ଶନିବାର ଭୋଟ ଗଣତି ହେବ ଏବଂ ମତଦାତା କାହାକୁ ସେମାନଙ୍କ ଜନ ପ୍ରତିନିଧି ଭାବେ ବାଛିଛନ୍ତି, ତାହା ସ୍ପଷ୍ଟ ହୋଇଯିବ।

ଜିଲାରେ ସମୁଦାୟ ୧୨୧ଭୋଟ୍ ଗ୍ରହଣ କେନ୍ଦ୍ରରେ ମତଦାନ ହୋଇଛି। ପଦ୍ମପୁର ଏନ୍‌ଏସିରେ ୧୩ହଜାର ୮୨୩ ଭୋଟର ଥିବାବେଳେ ୧୭ଟି ଭୋଟ୍ ଗ୍ରହଣ କେନ୍ଦ୍ର ଖୋଲା ଯାଇଥିଲା। ଏଠାରେ ସମୁଦାୟ ଭୋଟରଙ୍କ ମଧ୍ୟରୁ ୯୩୦୬ଜଣ (୬୭.୩୨ ପ୍ରତିଶତ) ମତାଧିକାର ସାବ୍ୟସ୍ତ କରିଥିଲେ। ବିଜେପୁର ଏନ୍‌ଏସିରେ ପ୍ରଥମଥର ପାଇଁ ନିର୍ବାଚନ ହୋଇଥିଲା। ୧୧ ୱାର୍ଡ ବିଶିଷ୍ଟ ଉକ୍ତ ଏନ୍‌ଏସିରେ ୧୧ ଭୋଟ୍‌ଗ୍ରହଣ କେନ୍ଦ୍ର ରହିଥିଲା। ସମୁଦାୟ ୮୪୭୪ ଭୋଟରଙ୍କ ମଧ୍ୟରୁ ୭୧୭୮ ଜଣ ମତାଧିକାର ସାବ୍ୟସ୍ତ କରିଥିଲେ।

ସେହିପରି ୧୯ୱାର୍ଡ ବିଶିଷ୍ଟ ବରଗଡ଼ ମ୍ୟୁନିସିପାଲିଟିରେ ସର୍ବାଧିକ ୬୪ହଜାର ୪୨୦ଭୋଟର ଅଛନ୍ତି। ମାତ୍ର ଏଠାରେ ମତଦାନ ହାର ସର୍ବନିମ୍ନ(୬୧.୮୨ ପ୍ରତିଶତ) ରହିଥିଲା। ୭୪ଟି କେନ୍ଦ୍ରରେ ଭୋଟ୍ ଗ୍ରହଣ କରାଯାଇଥିଲା। ୧୧ ୱାର୍ଡ ବିଶିଷ୍ଟ ବରପାଲି ଏନ୍‌ଏସିରେ ୧୭ହଜାର ୭୪ଭୋଟର ଅଛନ୍ତି। ୧୯ଭୋଟ୍ ଗ୍ରହଣ କେନ୍ଦ୍ରରେ ୧୨ହଜାର ୯୯ଜଣ ମତାଧିକାର ସାବ୍ୟସ୍ତ କରିଥିଲେ। ମତଦାନ ସରିବା ପରେ ଜିତ୍ ହାର୍‌କୁ ନେଇ ଦଳୀୟ ନେତା ଓ ପ୍ରାର୍ଥୀଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଛି। ତେବେ ଭୋଟ୍ ଗଣତି ପରେ ପୌର ନିର୍ବାଚନରେ କେଉଁ ଦଳକୁ କିଭଳି ସଫଳତା ମିଳିଛି, ତାହା ଜଣାପଡ଼ିବ।



ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମତଦାନ ପାଇଁ ବ୍ରହ୍ମଚାରୀ ସ୍ଥିତ ସରକାରୀ ସ୍କୁଲ ଭୋଟ୍‌ଗ୍ରହଣ କେନ୍ଦ୍ରରେ ।

**ଜିଲାରେ ମତଦାନ ହାର ୭୧ ପ୍ରତିଶତ**



ବାଉଁଶ ପୋଲ ଉପରେ ଦୁଇ ମହିଳା ଚେକଡ୍ୟାମ ପାର ହେଉଛନ୍ତି।

# ବାଉଁଶ ପୋଲରେ ପାର ହେଉଛନ୍ତି ଲୋକେ

**ଲାଠୋର,୨୪।୩(ଡି.ଏନ.ଏ.)**

- ବିଞ୍ଝାଲପଡ଼ାକୁ ରାସ୍ତାନାହିଁ
- ସୋସିଆଲ ମିଡିଆରେ ଫଟୋ ଭାଇରାଲ ପରେ ପ୍ରଶାସନ ତତ୍ପର
- ଚେକଡ୍ୟାମରେ ପୋଲ ନିର୍ମାଣ ପ୍ରତିଶ୍ରୁତି ଦେଲେ ବିଡିଓ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ସଦର ଗାଁ କରୁଆଝରର ବିଞ୍ଝାଲପଡ଼ା। ଏହିପଡାକୁ ରାସ୍ତାନାହିଁ। ମୁଖ୍ୟରାସ୍ତାକୁ ଆସିବାକୁ ପଡାବାସୀଙ୍କୁ ଅନ୍ତରାୟ ସାଜିଛି ଦେହେଲିଆ ନାଳ ଉପରେ ହୋଇଥିବା ଚେକ୍‌ଡ୍ୟାମ। ବ୍ରିଜ ନ ଥିବାରୁ ଲୋକେ ଚେକଡ୍ୟାମ ଉପରେ ବାଉଁଶ ପକାଇ ପୋଲ ସଦୃଶ କରି ବିପଜ୍ଜନକ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ଏ ନେଇ ପଡାବାସୀ ସ୍ଥାନୀୟ ପ୍ରଶାସନକୁ ଜଣାଇଲେ ବି କୌଣସି ସୁଫଳ ମିଳି ନ ଥିବା ରାଜାରାମ ବରିହା, ହେମନ୍ତ ବରିହା, ରଘୁନାଥ ବରିହା, ଧନୁ ବରିହା ଓ ବେଲମତି ବରିହା ପ୍ରମୁଖ ଅଭିଯୋଗ କରିଛନ୍ତି।

ଗତ ୧୦ ବର୍ଷ ହେବ ବିଞ୍ଝାଲପଡ଼ାରେ ବାସ କରୁଛନ୍ତି ୭ ଆଦିବାସୀ ପରିବାର। ପଡ଼ାବାସୀଙ୍କୁ ମୁଖ୍ୟରାସ୍ତାକୁ ଆସିବାକୁ ହେଲେ ଦେହେଲିଆ ନାଳ ଡ଼େଇଁବାକୁ ପଡ଼ିଥାଏ। ନାଳ ଉପରେ ପୋଲ ନିର୍ମାଣ କରିବାକୁ ପଡ଼ାବାସୀ ଦାବି କରି ଆସୁଥିଲେ। ହେଲେ ରାସ୍ତା ନିର୍ମାଣ କରିବା ବଦଳରେ ସେହି ନାଳରେ ୨ବର୍ଷ ତଳେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏକ ଚେକଡ୍ୟାମ ନିର୍ମାଣ କରି ଦିଆଗଲା। ଫଳରେ ପଡ଼ାବାସୀଙ୍କ ସବୁଦିନିଆ ଚଲା ରାସ୍ତା ବନ୍ଦ ହୋଇଗଲା। ଅନ୍ୟନୋପାୟ ହୋଇ ପଡ଼ାବାସୀ ଚେକଡ୍ୟାମ ଉପରେ ବାଉଁଶ ପୋଲ ନିର୍ମାଣ କଲେ। ଏହି ଅସ୍ଥାୟୀ ପୋଲରେ ପାଦରେ ଚାଲିକରି ଯିବା କଷ୍ଟକର ହେଉଛି। ବିଶେଷ କରି ବୃଦ୍ଧା,ବୃଦ୍ଧ ଭତ୍ତା ଆଣିବାକୁ ପଞ୍ଚାୟତ ଅଫିସ ଗଲାବେଳେ ଏବଂ ଛୋଟ ପିଲାମାନେ ସ୍କୁଲକୁ ଯିବାବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳର କେତେକ ସଚେତନ ଯୁବକ ସୋସିଆଲ ମିଡ଼ିଆରେ ଅସ୍ଥାୟୀ ପୋଲର ଚିତ୍ରକୁ ଭାଇରାଲ କରିବା ପରେ ଗୁରବାର ବିଡ଼ିଓ ରଶ୍ମିରଞ୍ଜନ ରାଉତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଚେକଡ୍ୟାମ ଉପରେ ରାସ୍ତା ନିର୍ମାଣ କରିବାକୁ ପରିଦର୍ଶନକାଳରେ ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣା ପଡ଼ିଛି।

# 'ବୃହତ୍ ଶିଳ୍ପରେ କ୍ୟାରିୟର' ଆଲୋଚନାଚକ୍ର

**ବରଗଡ଼ ଅଫିସ୍,୨୪।୩**

ଦେଶର ବଡ଼ ବଡ଼ ସରକାରୀ, ବେସରକାରୀ ଶିଳ୍ପ ପ୍ରତିଷ୍ଠାନରେ କମ୍ପ୍ୟୁଟର, ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା କ୍ୟାରିୟର ସୁଯୋଗ ଉପରେ ଗୁରୁବାର ବରଗଡ଼ ଇମ୍ପେରିୟାଲ କଲେଜରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ର ବୋକାରା ଇସ୍ପାତ କାରଖାନାରେ କାର୍ଯ୍ୟରତ ମାନବ ସମ୍ବଳ ବିଭାଗର ଏଜିଏମ୍ ଜୟକୃଷ୍ଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବୃହତ ଶିଳ୍ପ ଗୁଡ଼ିକରେ ପ୍ରତିବର୍ଷ ହଜାର ହଜାର ନିଯୁକ୍ତି ସୃଷ୍ଟି ହେଉଥିବାବେଳେ ଅନେକ ସମୟରେ ଏହାର ସୂଚନା ଠିକ୍ ଭାବେ ଛାତ୍ରୀଛାତ୍ରଙ୍କ ପାଖକୁ ପହଞ୍ଚି ପାରୁନାହିଁ । ଫଳରେ ଏହି ସୂଚନାକୁ ପ୍ରାପ୍ତ କରି ସେମାନେ କିଭଳ ଭାବେ ନିଜକୁ ପ୍ରସ୍ତୁତ କରି ପାରିବେ, ସେ ସମ୍ପର୍କରେ ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ। ଇମ୍ପେରିୟାଲ କଲେଜର ଅଧ୍ୟକ୍ଷ ଦୁର୍ଗେଶ ଶତପଥୀ, ଅଧ୍ୟାପିକା ହରିପ୍ରିୟା ସାହୁ, ରୋନକ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେମିନାର ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

## କଳାହାଣ୍ଡି ଜିଲାର ୨ ଛାତ୍ରଙ୍କ ଜମ୍ମୁକଶ୍ମୀର ଗସ୍ତ

**୪୧ତମ ଜାତୀୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା**

**ଲାଞ୍ଜିଗଡ,୨୪।୩(ଡି.ଏନ.ଏ.)**

୪୧ତମ ଜାତୀୟ ବରିଷ୍ଠ ତୀରନ୍ଦାଜ ପ୍ରତିଯୋଗିତା ଜମ୍ମୁକାଶ୍ମୀରର ଜାମ୍ମୁଠାରେ ୨୧ ମାର୍ଚ୍ଚରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ଇଣ୍ଡିୟାନ ରିକର୍ଭ ଓ କମ୍ପାଉଣ୍ଡ ବିଭାଗ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଣ୍ଡିଆନ ରାଉଣ୍ଡ ପୁରୁଷ ବିଭାଗରେ କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁଇ ପ୍ରତିଯୋଗୀ ସୀମାଞ୍ଚଳ କାଡ଼ରକା ଓ ରତ୍ନ ମାଝି ଗସ୍ତ କରିଛନ୍ତି। ଗତ ୬ ତାରିଖରେ କୋରାପୁଟ ଜିଲା ସୁନାବେଡା ଷ୍ଟାଡ଼ିୟମଠାରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ର୍ୟାଙ୍କି ବରିଷ୍ଠ ତିରନ୍ଦାଜ ପ୍ରତିଯୋଗିତାରେ ଭାଗ ନେଇ ଓଡ଼ିଶାର ୬ଜଣ ପ୍ରତିଯୋଗୀ ଜାତୀୟସ୍ତର ପାଇଁ ମନୋନୀତ ହୋଇଥିଲେ। ପୁରୁଷ ବିଭାଗରେ ୪ଜଣ ସୀମାଞ୍ଚଳ କାଡ଼ରକା, ରତ୍ନ ମାଝସ, ସୂର୍ଯ୍ୟ ପଲେୟା, ତ୍ରିନାଥ ମୁଣ୍ଡା। ସେମନଙ୍କ ମଧରୁ ସୀମାଞ୍ଚଳ କାଡ଼ରକା ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବେଳେ ରତ୍ନ ମାଝି ଚତୁର୍ଥ ସ୍ଥାନ ଗ୍ରହଣ କରି ଜାତୀୟସ୍ତର ପାଇଁ ମନୋନୀତ ହୋଇଛନ୍ତି। ଗୁରୁବାର ସୀମାଞ୍ଚଳ ଓ ରତ୍ନ ଗସ୍ତ କରିଥିବା ବେଳେ ଉଭୟଙ୍କୁ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲା ଆଥଲେଟିକ ଆସୋସିଏଶନ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଜିଲା କ୍ରୀଡା ଅଧିକାରୀ ସୁବାଶିଷ ନାୟକ, କରାଟେ କୋଚ କ୍ଷମାନିଧି ମହାଖୁଡ଼ ପ୍ରମୁଖ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

# 'ନୂଆ ଚିଠି ଉପରେ ବିଚାର ଚାଲିଛି'

**ବଲାଙ୍ଗୀର ଅଫିସ, ୨୪।୩**

**ବିଧାନ ପରିଷଦ ଚିଠି ହଜିବା ପ୍ରସଙ୍ଗ**

- ସାଢ଼େ ତିନିବର୍ଷ ତଳର ଚିଠିର ପତ୍ତା ନାହିଁ

ରାଜ୍ୟରେ ବିଧାନ ପରିଷଦ ଗଠନ ପାଇଁ ୬ ସେପ୍ଟେମ୍ବର ୨୦୧୮ରେ ସମ୍ବିଧାନର ଧାରା ୧୬୯(୧) ଅନୁଯାୟୀ ଓଡ଼ିଶା ବିଧାନସଭାରେ ଦୁଇ ତୃତୀୟାଂଶରୁ ଅଧିକ ମତରେ ପ୍ରସ୍ତାବ ପାସ୍ ହୋଇଥିଲା । ବିଧାନସଭା ପକ୍ଷରୁ ୧୮ ସେପ୍ଟେମ୍ବର ୨୦୧୮ରେ କେନ୍ଦ୍ରକୁ ପ୍ରସ୍ତାବ ପଠାଇ ଦିଆଯାଇଥିବା କଥା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଫଳରେ ରାଜ୍ୟବ୍ୟାପୀ ଏହି ପ୍ରସଙ୍ଗକୁ ନେଇ ଆଲୋଚନା ଜୋର ଧରିଥିଲା। ଦୀର୍ଘ ତିନିବର୍ଷ ଧରି ରାଜ୍ୟ ସରକାର ଏହାକୁ ନେଇ ମୌନ ରହିବା ପରେ ଗତ ଫେବୃୟାରୀ ୧୦ରେ ରାଜ୍ୟ ସଭାରେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ ଏଭଳି କୌଣସି ପ୍ରସ୍ତାବ କେନ୍ଦ୍ରକୁ ମିଳିନାହିଁ ବୋଲି କହିବା ପରେ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏହି ପ୍ରସଙ୍ଗକୁ ନେଇ ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା କେନ୍ଦ୍ର ଆଇନ ଓ ନ୍ୟାୟ ବିଭାଗକୁ ତଥ୍ୟ ମାଗିଥିଲେ ।

କେନ୍ଦ୍ର ଆଇନ ଓ ନ୍ୟାୟ ବିଭାଗ ପ୍ରଦାନ କରିଥିବା ତଥ୍ୟ ଅନୁଯାୟୀ, ଓଡ଼ିଶା ବିଧାନସଭାରେ ପାସ୍ ହୋଇଥିବା ପ୍ରସ୍ତାବ ଉପରେ ବିଚାର କରାଯାଉଛି । ରାଜ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ଗତ ୧୪ ଫେବୃୟାରୀରେ ଲୋକ ସଭା ସେକ୍ରେଟାରି ଜେନେରାଲଙ୍କୁ ପ୍ରଦାନ କରାଯାଇଥିବା ନୂଆ ଚିଠିର ନକଲ ସୂଚନା କର୍ମୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ତଥ୍ୟରେ ସଂଲଗ୍ନ କରାଯାଇଥିବା ଉକ୍ତ ନୂଆ ଚିଠିରେ ଓଡ଼ିଶା ବିଧାନସଭା ପକ୍ଷରୁ ପ୍ରଦାନ କରାଯାଇଥିବା ପୁରୁଣା ଚିଠି ନଂ ୮୮୫୮/ଏଲଏ, ୧୮/୯/୨୦୧୮ ସମ୍ପର୍କରେ କେବଳ ସୂଚନା ଦିଆଯାଇଛି, ଯେଉଁ ଚିଠିଟି ଇମେଲ୍ ଓ ସ୍ପିଡ୍‌ପୋଷ୍ଟରେ ଲୋକ ସଭା ସେକ୍ରେଟାରି ଜେନେରାଲଙ୍କୁ ପଠାଯାଇଥିଲା ବୋଲି ଉଲ୍ଲେଖ କରାଯାଇଛି । ଏହି ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ, ୨୦୧୮ରେ ଯେଉଁ ଚିଠି ଦିଆଯାଇଥିଲା ତାହା କେନ୍ଦ୍ର ପାଖରେ ନାହିଁ। ତା'ହେଲେ ବିଧାନସଭାରେ ପାସ୍ ହୋଇଥିବା ପ୍ରସ୍ତାବ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଦିଆଯାଇଥିବା ଚିଠି ଏବେ କେଉଁଠି ରହିଛି। ବିଧାନସଭାର ଦୁଇ ତୃତୀୟାଂଶରୁ ଅଧିକ ସଭ୍ୟଙ୍କ ମତକୁ ନେଇ ଦାୟିତ୍ୱହୀନତାର ସହ କାର୍ଯ୍ୟ କରାଯାଇଛି ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା କହିଛନ୍ତି । ରାଜ୍ୟ ସରକାର ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ସଙ୍ଗେ ସଙ୍ଗେ ବିଧାନ ପରିଷଦ ଗଠନ ପ୍ରସଙ୍ଗରେ ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ ବୋଲି ପଣ୍ଡା ପ୍ରେସ୍ ବିଜ୍ଞପ୍ତିରେ ଗୁରୁବାର କହିଛନ୍ତି। ରାଜ୍ୟ ସଭାରେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଏହାକୁ ନେଇ ପ୍ରଶ୍ନ କରି ନ ଥିଲେ ବିଧାନ ସଭା ଓ ଲୋକ ସଭା ସଚିବାଳୟ ମଧ୍ୟରେ ଆଦାନ ପ୍ରଦାନ କରାଯାଇଥିବା ଉକ୍ତ ନିର୍ଦ୍ଦିଷ୍ଟ ଚିଠି ବିଷୟରେ ଜଣାପଡି ନ ଥା'ନ୍ତା ବୋଲି ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ




ଯୁବ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ନୂଆପଡ଼ା ଅଫିସ,୨୪।୩**

ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ ଜିଲାସ୍ତରୀୟ ଯୁବ ସଂସଦ ୨୦୨୨ କାର୍ଯ୍ୟକ୍ରମ ସ୍ଥାନୀୟ ନ୍ୟାଶନାଲ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ତରଣୀସେନ ନାଏକ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ମହାମାୟା ମହାବିଦ୍ୟାଳୟ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାଶ, ଭାରପ୍ରାପ୍ତ ଅଧ୍ୟକ୍ଷ ନୃସିଂହ ଚରଣ ସାହୁ, କିଶୋର କୁମାର ବାରିକ ପ୍ରମୁଖ ଯୋଗଦେଇ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ରେଡକ୍ରସ ଆବାହକ ଶିବ ପ୍ରସାଦ ସାହୁ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବକମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ, ରାଜନୈତିକ ଇଚ୍ଛାଶକ୍ତି ଜାଗୃତ କରିବା, ଆଞ୍ଚଳିକ ଓ ଜାତୀୟସ୍ତରର ରାଜନୈତିକରେ ଯୁବନେତୃତ୍ୱମାନଙ୍କ ଭାଗିଦାରିତା ବଢାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମସ୍ତ ବ୍ଲକରୁ ସବୁବର୍ଗର ଯବତୀଯୁବକ ଓ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ଯୁବତୀଯୁବକ, ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶ ଗ୍ରହଣ କରି ଜାତୀୟ ଶିକ୍ଷାନୀତି ବେଟି ବଞ୍ଚାଓ ବେଟି ପଢାଓ, ମେକଇନ ଇଣ୍ଡିଆ, ସ୍ଟାର୍ଟ ଅଫ ଇଣ୍ଡିଆ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମତ ଉପସ୍ଥାପନ କରିଥିଲେ। ଶହୀଦ ଦିବସ ଅବସରରେ ଅମର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସାମୁହିକ ଜାତୀୟ ସଙ୍ଗିତ ଗାନ କରାଯାଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ସରସ୍ୱତୀ ଶବରଙ୍କ ତତ୍ତ୍ୱାବଧାନରେ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ଅଧିକାରୀ ଗୋପି ଗୋପାଲ ସୁନା, ଯଶୋବନ୍ତ ଭୋଇ, ନମିତା ତ୍ରିପାଠୀ, ନେହେରୁ ଯୁବ କେନ୍ଦ୍ର ମୁକେଶ ପାଣ୍ଡେ ଓ ଜାତୀୟ ଯୁବ ସେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

**ବରଗଡ଼ ଅଫିସ୍,୨୪।୩**

ଆସନ୍ତା ଓଡ଼ିଶା ଦିବସ ଏବଂ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଓଡ଼ିଶା ଦିବସ ସମାରୋହ ପାଳନ ପାଇଁ ଆଲୋଚନା ହୋଇଥିଲା। ସକାଳେ ପ୍ରଭାତଫେରୀ, ଡାକବାଜି ଯନ୍ତ୍ର ଯୋଗେ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯିବ। ପ୍ରତ୍ୟେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଏହି ଅବସରରେ ଆଲୋକମାଳାରେ ସଜ୍ଜିତ ହେବ। ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଟାଉନ ହଲରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସଙ୍ଗୀତ ନାଟକ ଏକାଡ଼େମୀ ତରଫରୁ ବନ୍ଦେ ଉତ୍କଳ ଜନନୀ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କାଯର୍ୟକ୍ରମ ତଥା ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହେବ। ଜିଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରାଯିବ।

ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆସନ୍ତା ୨୮ତାରିଖରେ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ। ଉଚ୍ଚ ବିଦ୍ୟାଳୟ ସ୍ତରରେ ପ୍ରଥମ ବିବେଚିତ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସେହିପରି ଓଡ଼ିଶା ଦିବସ ଏବଂ ଜିଲା ପ୍ରତିଷ୍ଠା ଦିବସ ଅବସରରେ ବରଗଡ଼ ସହରାଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଜିଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ଜିଲା ସଦର ମହକୁମାର ଏସ୍‌ପି ଅଫିସ ଛକ, ପେଟ୍ରୋଲ ପମ୍ପ ଛକ ଏବଂ ଭଟଲି ଛକରେ ଭବ୍ୟ ତୋରଣ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ନବୀନ କୁମାର ପଟେଲ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସଭା ସଂଯୋଜନା କରିଥିଲେ।

# ବଣ୍ଟନ ହୋଇପାରିଲାନି ଚାରା

**ଲୋଇସିଂହା,୨୪।୩(ଡି.ଏନ.ଏ.)**

- ଲୋଇସିଂହା ବନ ବିଭାଗର ଅପରିଣାମଦର୍ଶିତା
- ଶ୍ରମିକ, କର୍ମଚାରୀଙ୍କୁ ପାଉଣା ନମିଳିବାରୁ ସମସ୍ୟା
- ମରିବାକୁ ବସିଲାଣି ୧୦ହଜାର ଚାରା

ବଲାଙ୍ଗୀର ଜିଲା ଲୋଇସିଂହା ବନ ବିଭାଗ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷ ଚାରା ବଣ୍ଟନ ପାଇଁ ଆଗଲପୁର ବ୍ଲକ ପଟୁଆପାଲି ପଞ୍ଚାୟତ ଅନ୍ତର୍ଗତ ବଙ୍ଗାବାହାଲ ଗାଁରେ ୧୦ହଜାର ଚାରା ଉତ୍ପାଦନ କରାଯାଇଥିଲା । ଇତିମଧ୍ୟରେ ଏକ ବର୍ଷ ବିତିବାକୁ ବସିଥିଲେ ହେଁ ଚାରା ବଣ୍ଟନ ହୋଇ ପାରିନାହିଁ । ସେଠାରେ ନିୟୋଜିତ ଶ୍ରମିକ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବିଭାଗ ପାଉଣା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଅପରପକ୍ଷରେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଚାରା ମରିବାକୁ ବସିଲାଣି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସରକାର ବନ ବିଭାଗ ଜରିଆରେ ଜଙ୍ଗଲ ସୃଷ୍ଟି ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ଏହିକ୍ରମରେ ଲୋଇସିଂହା ରେଞ୍ଜ ଅଧୀନ ବଙ୍ଗାବାହାଲ ଗ୍ରାମରେ ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆଇରଜିଏସ୍‌ରେ ୧ଲକ୍ଷ ୧୩ହଜାର ୮୪୪ ଟଙ୍କା ବ୍ୟୟରେ ୧୦ହଜାର ଚାରା ଉତ୍ପାଦନ କରାଯାଇଥିଲା। ଏଠାରେ ରାଏଜାମ, ପଣସ, ଆମ୍ବ, କରଞ୍ଜ, ଦେବଦାରୁ ପ୍ରଭୃତି ପ୍ରଜାତିର ଚାରା ଉତ୍ପାଦିତ ହୋଇଛି। ୨୦୨୧ ଫେବୃୟାରୀରୁ ଲଗାଯାଇଥିବା ଚାରା ସେହିବର୍ଷ ଅଗଷ୍ଟ ମଧ୍ୟରେ ବଣ୍ଟନ ହେବା କଥା। ହେଲେ ବନ ବିଭାଗ ଓ କର୍ମଚାରୀ ପାଉଣା ବିବାଦରୁ ଚାରା ବଣ୍ଟନ ହୋଇ ପାରି ନ ଥିବା କୁହାଯାଉଛି। ଫରେଷ୍ଟର ଠଣ ସୁନ୍ଦର ଧରୁଆ କହିଛନ୍ତି, ଏହା ପୂର୍ବ ଫରେଷ୍ଟର ମଧୁସୂଦନ ଗଡ୍ଡୁଆଙ୍କ ବେଳର କାମ। ଫରେଷ୍ଟର ଗଡ୍ଡୁଆ ଏବଂ ତଦାରଖ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସମନ୍ୱୟରେ କାମ ହୋଇଥିଲା। ୬ମାର ରକ୍ଷଣାବେକ୍ଷଣ ପାଇଁ ଅନୁଦାନ ମିଳିଥାଏ। ସେହି ସମୟ ମଧ୍ୟରେ ସେ ଚାରା ବଣ୍ଟନ କରିପାରି ନ ଥିଲେ। ଦୁଇ ସପ୍ତାହ ତଳେ ଦାୟିତ୍ୱରେ ଥିବା କର୍ମଚାରୀ ଏ ସମ୍ପର୍କରେ ଜଣାଇଥିଲେ ବୋଲି ସେ କହିଛନ୍ତି। ତଦାରଖ କରୁଥିବା ଯୋଗେଶ୍ୱର କଲତା କହିଛନ୍ତି, ପାଉଣା ପାଇ ନ ଥିବାରୁ ଚାରାକୁ ନିଜ ଅକ୍ତିଆରେ ରଖି ରକ୍ଷଣାବେକ୍ଷଣ କରୁଛି। ଖର୍ଚ୍ଚ ମିଳିବା ପରେ ଚାରା ବନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।




ବଣ୍ଟନ ହୋଇ ପାରି ନ ଥିବା ଚାରା।

## କୃଷି ଭିତ୍ତିକ ପ୍ରସାର ରଥ ଉଦ୍‌ଘାଟିତ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ଗୁରୁବାର କୃଷି ଭିତ୍ତିକ ପ୍ରସାର କାର୍ଯ୍ୟକ୍ରମ ରଥ ଉଦ୍‌ଘାଟିତ ହୋଇଯାଇଛି। କୃଷି ଜିଲା ଅଧିକାରୀ ଧର୍ମଗଡ ଦ୍ୱାରା ଆୟୋଜିତ କୃଷି ଭିତ୍ତିକ ପ୍ରସାର ରଥ ୨୪ ତାରିଖଠାରୁ ଆରମ୍ଭ ହୋଇ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରିବ। ଏଥିରେ ପାଲ ଦଳ ଅଭିନୟ ମାଧମରେ ସରକାରଙ୍କ ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମ ଉପରେ ଜନସଚେତନତା ସୃଷ୍ଟି କରିବେ। ସହକାରୀ କୃଷି ଅଧିକାରୀ ଲିଙ୍ଗରାଜ ମେହେର ପତାକା ଦେଖାଇ ପ୍ରସାର ରଥ ଶୁଭାରମ୍ଭ କରିଥିଲେ। ଏଥିରେ କୃଷି ଅଧିଦର୍ଶକ ଶ୍ରୀନିବାସ ପ୍ରଧାନୀ, ଗ୍ରାମ୍ୟ କୃଷି କର୍ମଚାରୀ ଅବିନାଶ ଠାକୁର, ଟିକଚନ ଦଳପତି, ଅନୁସୟା ସିଂ, ସରସ୍ୱତି ମେହେର, ଅଜିତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

**ସଂକ୍ଷେପରେ**

## ନୂଆପଡ଼ା ଜିଲା: ଶାନ୍ତିଶୃଙ୍ଖଳାରେ ପୌର ନିର୍ବାଚନ ଶେଷ

**ନୂଆପଡାରେ ୭୩ % ମତଦାନ**



ଭୋଟ ଦେବା ପାଇଁ ଜଣେ ଦିବ୍ୟାଙ୍ଗଙ୍କୁ ମତଦାନ କେନ୍ଦ୍ରକୁ ନିଆଯାଉଛି।

**ନୂଆପଡ଼ା ଅଫିସ,୨୪।୩:** ନୂଆପଡା ଜିଲାର ୩ଟି ଏନ୍‌ଏସିରେ ନିର୍ବାଚନ ଗୁରୁବାର ଶାନ୍ତିଶୃଙ୍ଖପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ମୋଟ ୧୨,୪୪୭ ଭୋଟର ରହିଥିବା ବେଳେ ୯୧୮୮ଜଣ ଭୋଟର ନିଜର ମତ ସାବ୍ୟସ୍ତ କରିଛନ୍ତି। ଯାହା ୭୩.୮୧ ପ୍ରତିଶତ ମତଦାନ ହୋଇଛି। ଖରିଆର ରୋଡ ଏନ୍‌ଏସିରେ ମୋଟ ୧୪,୩୪୯ ଭୋଟର ମଧ୍ୟରୁ ୧୧,୪୭୯ ଭୋଟର ନିଜର ମତସାବ୍ୟସ୍ତ କରିଛନ୍ତି। ଏଠାରେ ୭୯.୯୯ ପ୍ରତିଶତ ମତଦାନ ହୋଇଛି। ସେଥିମଧ୍ୟରୁ ୫୬୩୬ଜଣ ପୁରଷ ଭୋଟର ଥିବାବେଳେ ୫୮୪୩ ମହିଳା ଭୋଟର ମତଦାନ କରିଛନ୍ତି। ଖଡିଆଳ ଏନ୍‌ଏସିରେ ୧୧,୪୪୯ ରହିଥିବା ବେଳେ ୮,୯୫୨ ଜଣ ଭୋଟର ନିଜର ମତ ସାବ୍ୟସ୍ତ କରିଛନ୍ତି। ଯାହା ୭୭.୯୭ ପ୍ରତିଶତ ମତଦାନ ରେକର୍ଡ ହୋଇଥିବେଳେ ୪୪୧୦ଜଣ ମହିଳା ଓ ୪୫୪୨ଜଣ ପୁରୁଷ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ୩ଟି ଏନ୍‌ସିରେ ୧୪୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ଭିତରେ ସିଲ ହୋଇଛି। ଆସନ୍ତା ୨୬ରେ ଭୋଟ ଗଣତି ପରେ ଫଳାଫଳ ଜଣାପଡିବ।

## କାନ୍ଧରେ ବୋହି ମତଦାନ କେନ୍ଦ୍ରକୁ ନେଲେ ମହିଳା ପୋଲିସ

**ମାନବିକତା ଦେଖାଇଲେ**



ମହିଳା ପୋଲିସ କର୍ମଚାରୀ ଜଣେ ଅସହାୟ ବୃଦ୍ଧାଙ୍କୁ ବୋହି ନେଉଛନ୍ତି।

**ଭବାନୀପାଟଣା,୨୪।୩(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣାରେ ଗୁରୁବାର ପୌର ନିର୍ବାଚନ ଶେଷ ହୋଇଛି। ଭବାନୀପାଟଣା ୧୪ ନଂ ୱାର୍ଡ ଟାଉନ ହାଇସ୍କୁଲ ବୁଥ୍ ନଂ. ୩୮ରେ ମତଦାନ ଚାଲିଥିବାବେଳେ ସେଠାରେ ନିଯୁକ୍ତି ହୋଇଥିବା ଜାହ୍ନବୀ ସାହୁ (ଜଲି) ନାମକ ଜଣେ ମହିଳା ପୋଲିସ କର୍ମଚାରୀ ମାନବିକତା ଦେଖାଇଛନ୍ତି। ଏହି ବୁଥ୍‌ରେ ଭୋଟ ଦେବାକୁ ଆସୁଥିବା ଦିବ୍ୟାଙ୍ଗ, ଅସହାୟ ବୃଦ୍ଧାଙ୍କୁ ସେ ହୁଇଲ ଚେୟାରରେ ବସାଇ ମତଦାନ କେନ୍ଦ୍ରକୁ ନେଉଥିବା ଦେଖିବାକୁ ମିଳିଥିଲା। ସେହିପରି ହୁଇଲ ଚେୟାର ନ ଥିବାବେଳେ ସେ କାନ୍ଧରେ ବୋହି ବି ମତଦାନ କେନ୍ଦ୍ରକୁ ନେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ମହିଳା ପୋଲିସ କର୍ମଚାରୀଙ୍କ ଏପରି ମାନବିକତା କାର୍ଯ୍ୟ ପାଇଁ ସାଧାରଣରେ ବେଶ୍ ପ୍ରଶଂସା କରାଯାଉଛି।

# ବଲାଙ୍ଗୀରରେ ପୌର ନିର୍ବାଚନୀ ହିଂସା

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି/ପାଟଣାଗଡ, ୨୪।୩ (ଡି.ଏନ୍.ଏ.)**

- ଟଙ୍କା ବଣ୍ଟନକୁ କେନ୍ଦ୍ର କରି ମାଡ, ଉତ୍ତେଜନା
- ପିଙ୍କ ବୁଥ୍‌ରେ ମହିଳା ପ୍ରାର୍ଥୀ, ଭୋଟରଙ୍କୁ ମାଡ
- ପାଟଣାଗଡରେ ବିଧାୟକଙ୍କ ସମ୍ପର୍କୀୟ ଭାଇଙ୍କୁ ମାଡ
- ବଲାଙ୍ଗୀରରେ ଭୁଜାଲି ମାଡରେ ଜଣେ ଗୁରୁତର, ୨ ଗିରଫ



ଆହତ ବିଜେଡି କାଉନସିଲର ପ୍ରାର୍ଥୀ ଓ ମହିଳା ଭୋଟର କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରୁଛନ୍ତି।

ବଲାଙ୍ଗୀର ଜିଲାରେ ପୌର ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ବଲାଙ୍ଗୀର ପୌରପାଳିକା, ପାଟଣାଗଡ ଓ କଣ୍ଟାବାଞ୍ଜି ଏନ୍‌ଏସିରେ ଟଙ୍କା ବଣ୍ଟନକୁ କେନ୍ଦ୍ର କରି ମାରପିଟ, ମହିଳା କାଉନସିଲର ପ୍ରାର୍ଥୀ ଓ ଭୋଟରଙ୍କୁ ମାଡ, ବିଧାୟକଙ୍କ ସମ୍ପର୍କୀୟ ଭାଇ ଏବଂ ପୂର୍ବତନ ବିଧାୟକଙ୍କ ପୁଅକୁ ମାଡ ମରାଯାଇଥିବା ଖବର ମିଳିଛି। ବୁଧବାର ରାତିରେ ଭୋଟରଙ୍କୁ ଟଙ୍କା ବଣ୍ଟନ ଘଟଣାକୁ ନେଇ ବଲାଙ୍ଗୀର ପୌରପାଳିକାର ୧୩ ନମ୍ବର ୱାର୍ଡରେ ମାରପିଟ ହୋଇଥିଲା। ଟଙ୍କା ବାଣ୍ଟୁଥିବା ଅଭିଯୋଗ କରି ଗୋଟିଏ ଦଳର ସମର୍ଥକଙ୍କୁ ପ୍ରତିପକ୍ଷ ଦଳର ସମର୍ଥକମାନେ ବିରୋଧ କରିଥିଲେ। ଏଥିରେ ଉଦ୍‌କ୍ଷିପ୍ତ ହୋଇ ଟଙ୍କା ବାଣ୍ଟୁଥିବା ଦଳର ସମର୍ଥକମାନେ ପ୍ରତିପକ୍ଷ ଗୋଷ୍ଠୀର ଲୋକଙ୍କୁ ଭୁଜାଲିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ କଂସାରୀପଡାର ରଣଜିତ୍ ବାଗ ଗୁରୁତର ଆହତ ହୋଇଥିଲେ। ଅନ୍ୟ ଜଣେ ପିଣ୍ଟୁ ଭୋଇ ଆହତ ହୋଇଥିଲେ। ଉଭୟଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରଣଜିତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ପଠାଯାଇଛି। ଏହି ଘଟଣାକୁ ନେଇ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ବିଜେଡି କାଉନସିଲର ପ୍ରାର୍ଥୀଙ୍କ ସ୍ୱାମୀ ମୁନ୍ନା ଖାନ୍‌ଙ୍କ ବିରୋଧରେ ଅଭିଯୋଗ ହୋଇଛି। ସେ ଫେରାର ଥିବା ପୋଲିସ ଏସ୍‌ଡିପିଓ ତୋଫାନ୍ ବାଗ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଛି।

କଣ୍ଟାବାଞ୍ଜି ଏନ୍‌ଏସି ୱାର୍ଡ ନମ୍ବର ୧୫ର ପିଙ୍କ ବୁଥ୍‌ରେ ଭୋଟ ପ୍ରଚାର ଏବଂ ଭୋଟରଙ୍କୁ ନେଇ ମତଦାନ କରାଇବା ଘଟଣାରୁ ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ, ଠେଲାପେଲା ଏବଂ ମାରପିଟ୍ ହୋଇଛି। ବୁଥ୍ ଭିତରେ କଂଗ୍ରେସ ଏବଂ ବିଜେଡିର ସମର୍ଥକମାନଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ୱାର୍ଡ ନମ୍ବର ୧୫ର ବିଜେଡି କାଉନସିଲର ପ୍ରାର୍ଥିନୀ ପିଙ୍କି ଖର୍ସେଲଙ୍କୁ କେତେକ କଂଗ୍ରେସ ସମର୍ଥକ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ ବିମଳା ନାଗ ନାମକ ଜଣେ ଭୋଟର ମଧ୍ୟ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଉଭୟଙ୍କ ହାତରେ ଆଘାତ ଲାଗିଛି। ପୂର୍ବତନ ବିଧାୟକ ଆୟୁବ ଖାନଙ୍କ ପୁଅ ଫିରୋଜ ଖାନଙ୍କୁ ମଧ୍ୟ ଠେଲାପେଲା କରାଯାଇଛି। ଏଥିରେ ସେ ଆହତ ହୋଇଛନ୍ତି। ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ଗଣ୍ଡଗୋଳ ଏବଂ ମାରପିଟ୍ ହୋଇଥିବା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ କାହା ବିରୋଧରେ ମାମଲା ରୁଜୁ ହୋଇନାହିଁ।

ପାଟଣାଗଡ ଏନ୍‌ଏସି ୱାର୍ଡ ନମ୍ବର ୧ରେ ଟଙ୍କା ବଣ୍ଟନ କରୁଥିବା ଅଭିଯୋଗ ଆଣି ବିଧାୟକ ସରୋଜ କୁମାର ମେହେରଙ୍କ ସମ୍ପର୍କୀୟ ଭାଇ ତଥା ବିଜେଡି ମିଡିଆ ପ୍ରଭାରୀ ପ୍ରଦୀପ ମେହେରଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଭାଜପା କର୍ମୀ ଓ ସମର୍ଥକମାନେ ତାଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ପାଟଣାଗଡ ୱାର୍ଡ ନମ୍ବର ୧ରେ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣାକୁ ନେଇ ଥାନାରେ ଉଭୟ ପକ୍ଷର ଆପୋସ ସମାଧାନ ହୋଇଥିବା ଜଣାପଡିଛି।

## କେସିଙ୍ଗା ଏନ୍‌ଏସି: ଶାନ୍ତିଶୃଙ୍ଖଳାରେ ପୌର ନିର୍ବାଚନ ଶେଷ

**କେସିଙ୍ଗା,୨୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ପୌର ନିର୍ବାଚନ ଗୁରୁବାର ଶାନ୍ତିଶୃଙ୍ଖଳାରେ ଶେଷ ହୋଇଯାଇଛି। ସହରରେ ୧୭ଟି ଭୋଟକେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା। ଏନ୍‌ଏସିର ୫ନଂ. ୱାର୍ଡର ଖଳପ୍ରକୃତିର କେତେଜଣ ବିଜେଡି ଅଧକ୍ଷ ପ୍ରାର୍ଥୀ ଟଙ୍କା ବାଣ୍ଟୁଛନ୍ତି ବୋଲି ଏସ୍‌ଡିପିଓଙ୍କୁ ଫୋନ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧକ୍ଷ ପ୍ରାର୍ଥୀ ନୃପରାଜ ଯାଦବଙ୍କୁ ଥାନାକୁ ନେଇଥିଲେ। ତାଙ୍କ ପାଖରେ କୌଣସି ଟଙ୍କା ନ ଥିଲା, କି ଟଙ୍କା ବାଣ୍ଟିବା କୌଣସି ପ୍ରମାଣ ନ ଥିବାରୁ ୧୦ ମିନିଟ ପରେ ଛାଡି ଦେଇଥିଲେ। ଏହି ଘଟଣା ନେଇ କେତେକ ଅସାମାଜିକ ବ୍ୟକ୍ତି ବିଭିନ୍ନ ଗଣମାଧ୍ୟମକୁ ମିଥ୍ୟା ଖବର ଦେଇ ଭାଇରାଲ କରିଥିଲେ। ଏ ସଂକ୍ରାନ୍ତରେ କେସିଙ୍ଗା ଏସ୍‌ଡିପିଓ ଅଭିନାଶ ସୋଙ୍କରଙ୍କୁ ପଚାରିବାରୁ ମୋତେ ମିଥ୍ୟାରେ ଫୋନ କରିଥିଲେ, କୌଣସି ସତ୍ୟତା ନ ଥିବରୁ ଅଧକ୍ଷ ପ୍ରାର୍ଥୀଙ୍କୁ ୧୦ ମିନିଟରେ ଛାଡି ଦିଆଯାଇଛି ବୋଲି କହିଥିଲେ। ଏନ୍‌ଏସିର ୧୭ଟି ଭୋଟ କେନ୍ଦ୍ର ମଧ୍ୟରୁ ସରକାରୀ ବାଳିକା ବିଦ୍ୟାଳୟଠାରେ ୬ ଓ ୭ ୱାର୍ଡ଼ ପାଇଁ ଗୋଲାପୀ ମତଦାନ କେନ୍ଦ୍ର କରାଯାଇଥିବା ବେଳେ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୯ ଓ ୧୦ ୱାର୍ଡ଼ ପାଇଁ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଥିଲା। ଏହି ସ୍ୱତନ୍ତ୍ର ଦୁଇ ଭୋଟକେନ୍ଦ୍ରରେ ମହିଳା, ପୁରୁଷ, ଯୁବକ, ଯୁବତୀ, ଦିବ୍ୟାଙ୍ଗ ଭୋଟଙ୍କ ପାଇଁ ଛାଉଣୀ, ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ୧୨ଟି ୱାର୍ଡରେ ପୋଲିସ ମୁତୟନ କରାଯାଇଥିଲା। ଶାନ୍ତିଶୃଙ୍ଖଳାରେ ପୌର ନିର୍ବାଚନ ଶେଷ ହେଇଥିବା ଇଲେକ୍ସନ ଅଫିସର ତଥା କେସିଙ୍ଗା ତହସିଲଦାର ଜ୍ୟୋର୍ତ୍ତିମୟ କର ପ୍ରକାଶ କରିଥିଲେ। ୧୨ଟି ୱାର୍ଡରେ ୭୮.୯୨ ପ୍ରତିଶତ ଭୋଟ ହୋଇଥିବା ରେକର୍ଡ କରାଯାଇଛି।

# ବଲାଙ୍ଗୀର ଜିଲାରେ ସରିଲା ପୌର ନିର୍ବାଚନ

**ବଲାଙ୍ଗୀର ଅଫିସ, ୨୪।୩**



ଟିଟିଲାଗଡ଼ ବାଳିକା ହାଇସ୍କୁଲରେ ମନ୍ତ୍ରୀ ଟୁକୁନୀ ସାହୁ ମତଦାନ କରୁଛନ୍ତି।





ମତଦାନ ପରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ।

**ତୁଷରାରେ ୮୧, ବଲାଙ୍ଗୀରରେ ୫୯.୫୭ ପ୍ରତିଶତ ମତଦାନ**

ବଲାଙ୍ଗୀର ଜିଲାର ୫ଟି ସହରାଞ୍ଚଳରେ ଗୁରୁବାର ପୌର ନିର୍ବାଚନ ଅନୁଷ୍ଠିତ ହୋଇଛି। ବଲାଙ୍ଗୀର ମ୍ୟୁନିସିପାଲିଟିରେ ସର୍ବନିମ୍ନ ୫୯.୫୭ ପ୍ରତିଶତ ଏବଂ ତୁଷରା ଏନ୍‌ଏସିରେ ସର୍ବାଧିକ ୮୧ ପ୍ରତିଶତ ମତଦାନ ହୋଇଛି। ଏହାସହିତ ଟିଟିଲାଗଡ ମ୍ୟୁନିସିପାଲିଟିରେ ୬୨.୪୧ ପ୍ରତିଶତ, ପାଟଣାଗଡ ଏନ୍‌ଏସିରେ ୭୦.୪୪ ପ୍ରତିଶତ ଏବଂ କଣ୍ଟାବାଞ୍ଜି ଏନ୍‌ଏସିରେ ୭୦.୪୮ ପ୍ରତିଶତ ମତଦାନ ରେକର୍ଡ ହୋଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ବଲାଙ୍ଗୀର ମ୍ୟୁନିସିପାଲିଟିରେ ୭୮,୭୨୩ ଭୋଟରଙ୍କ ମଧ୍ୟରୁ ମାତ୍ର ୪୬,୮୯୪ ଭୋଟର ମତଦାନ କରଛନ୍ତି। ଟିଟିଲାଗଡିରେ ୨୫୮୩୭ ଭୋଟରଙ୍କ ମଧ୍ୟରୁ ୧୬,୧୨୫ ଭୋଟର, ପାଟଣାଗଡ ଏନ୍‌ଏସିରେ ୧୬୭୨୩ ଭୋଟରଙ୍କ ମଧ୍ୟରୁ ୧୧,୭୮୦ ଭୋଟର ମତଦାନ କରିଛନ୍ତି। କଣ୍ଟାବାଞ୍ଜି ଏନ୍‌ଏସିରେ ୧୭,୫୫୧ ଭୋଟରଙ୍କ ମଧ୍ୟରୁ ୧୨,୩୭୧ ଭୋଟର ମତଦାନ କରିଛନ୍ତି। ତୁଷରା ଏନ୍‌ଏସିରେ ୮୨୭୪ ଭୋଟରଙ୍କ ମଧ୍ୟରୁ ୬୬୮୮ ଭୋଟର ମତଦାନ କରିଛନ୍ତି। ବଲାଙ୍ଗୀର ମ୍ୟୁନିସିପାଲିଟିରେ ଗୁରୁବାର ଅନୁଷ୍ଠିତ ପୌର ନିର୍ବାଚନରେ ସମୁଦାୟ ୨୧ ୱାର୍ଡରେ ମତଦାନ ସରିଛି। ଲକ୍ଷ୍ମୀନାରାୟଣପଡା ସରକାରୀ ସ୍କୁଲ ଭୋଟ ଗ୍ରହଣ କେନ୍ଦ୍ରରେ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ନରସିଂହ ମିଶ୍ର ମତଦାନ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟ ଭୋଟ ଗ୍ରହଣ କେନ୍ଦ୍ରରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଏବ ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଭୋଟ ଦେଇଥିଲେ। ପାଟଣାଗଡରେ ଏମପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ, ପାଟଣାଗଡ ବିଧାୟକ ସରୋଜ ମେହେର, ଟିଟିଲାଗଡରେ ମନ୍ତ୍ରୀ ଟୁକୁନୀ ସାହୁ, କଣ୍ଟାବାଞ୍ଜିରେ ବିଧାୟକ ସନ୍ତୋଷ ସିଂ ସାଲୁଜା ମତଦାନ କରିଥିଲେ। ଏହା ସହିତ ବଲାଙ୍ଗୀରରେ ବିଜେଡି ପୌରାଧକ୍ଷା ପ୍ରାର୍ଥୀ ଲିକା ସାହୁ, ଭାଜପା ପୌରାଧକ୍ଷା ପ୍ରାର୍ଥୀ ସବିତା ବର୍ଲା ଏବଂ କଂଗ୍ରେସ ପୌରାଧକ୍ଷା ପ୍ରାର୍ଥୀ ମିଲନୀ ସାହୁ ନିଜ ନିଜ ୱାର୍ଡରେ ମତଦାନ କରିଥିଲେ। ସେହିପରି ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ ଏବଂ ତୁଷରା ସହରାଞ୍ଚଳରେ ପୌରାଧକ୍ଷ, ପୌରାଧକ୍ଷା ପ୍ରାର୍ଥୀ ଏବଂ କାଉନସିଲର ପ୍ରାର୍ଥୀମାନେ ମତଦାନ କରିଛନ୍ତି।

## ସୁବର୍ଣ୍ଣପୁର ଜିଲାରେ ପୌର ନିର୍ବାଚନ ଶାନ୍ତିପୂର୍ଣ୍ଣ

**ସୋନପୁର/ବିନିକା/ତରଭା, ୨୪।୩(ନି.ପ୍ର./ଡି.ଏନ.ଏ.)**

**ସୋନପୁରରେ ୬୯.୨୫%, ବିନିକାରେ ୭୭.୨୬%, ତରଭାରେ ୮୨.୬୯% ମତଦାନ**

ସୁବର୍ଣ୍ଣପୁର ଜିଲାରେ ପୌର ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସରିଛି। ସୁବର୍ଣ୍ଣପୁର ପୌରାଞ୍ଚଳ ସମେତ ବିନିକା ଓ ତରଭା ବିଜ୍ଞାପିତ ଅଞ୍ଚଳରେ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରୁ ଭୋଟଗ୍ରହଣ କେନ୍ଦ୍ରଗୁଡିକରେ ଭୋଟରଙ୍କ ଲମ୍ୱା ଧାଡି ଦେଖିବାକୁ ମିଳିଥିଲା। ସୁବର୍ଣ୍ଣପୁର ପୌରାଞ୍ଚଳର ୧୫ଟି ୱାର୍ଡ ପାଇଁ ୨୧ଟି ଭୋଟ ଗ୍ରହଣ କେନ୍ଦ୍ର ହୋଇଥିଲା। ତେବେ ସହରର ମୋଟ ୧୬୭୮୫ ଭୋଟରଙ୍କ ମଧ୍ୟରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ୧୧୬୨୩ ଜଣ(୬୯.୨୫%) ମତଦାନ କରିଛନ୍ତି। ୬ ନମ୍ବର ୱାର୍ଡର ତରିଆପଡା ଟାଉନ ପ୍ରାଇମେରୀ ସ୍କୁଲ ବୁଥ୍‌ରେ ସର୍ବାଧିକ ୮୯.୪୦% ମତଦାନ ହୋଇଥିବା ବେଳେ ୨ ନମ୍ବର ୱାର୍ଡର ଡିଆଇଇଟି ବୁଥ୍ ନମ୍ବର ୨ରେ ସର୍ବନିମ୍ନ ୫୩.୫୩% ମତଦାନ ହୋଇଛି। ମତଦାତାମାନେ ୫ ଜଣ ଅଧକ୍ଷା, ୪୩ କାଉନସିଲର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି । ଭୋଟ ଗ୍ରହଣ ପାଇଁ ଜିଲା ନିର୍ବାଚନ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ଜଣେ ପ୍ରିଜାଇଡିଂ ଅଫିସର, ୩ ଜଣ ପୋଲିଂ ଅଧିକାରୀ ଓ ଜଣେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରା ଯାଇଥିଲା। ଭୋଟ ପରିଚାଳନା ତଦାରଖ ପାଇଁ ୩ ସେକ୍ଟର ଅଫିସର ନିୟୋଜିତ କରା ଯାଇଥିବା ବେଳେ ଜଣଙ୍କୁ ରିଜର୍ଭ ରଖା ଯାଇଥିଲା। ୨୧ ଭୋଟ ଗ୍ରହଣ କେନ୍ଦ୍ର ମଧ୍ୟରୁ ୮ଟି କେନ୍ଦ୍ରକୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଥିଲା। ୨ଟି ଭୋଟଗ୍ରହଣ କେନ୍ଦ୍ରକୁ ପିଙ୍କ୍ ବୁଥ୍ ଓ ୩ଟି କେନ୍ଦ୍ରକୁ ମଡେଲ ବୁଥ୍ କରା ଯାଇଥିଲା । ସେହିପରି ତରଭା ଏନଏସିର ୧୨ଟି ୱାର୍ଡ ପାଇଁ ୧୨ଟି ଭୋଟଦାନ କେନ୍ଦ୍ର ହୋଇଥିଲା । ସହରର ମୋଟ ୬୫୫୬ ମତଦାତାଙ୍କ ମଧ୍ୟରୁ ୫୪୧୯ଜଣ(୮୨.୬୯%) ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ୩ ଜଣ ଅଧକ୍ଷା ପ୍ରାର୍ଥୀ ଓ ୩୪ ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିଲେ। ସେହିପରି ବିନିକା ଏସଏସିରେ ୭୭.୨୬% ମତଦାନ ହୋଇଛି । ୧୨ଟି ୱାର୍ଡ ପାଇଁ ଏଠାରେ ୧୫ଟି ଭୋଟ ଗ୍ରହଣ କେନ୍ଦ୍ର ହୋଇଥିଲା। ଅଧକ୍ଷ ପଦ ପାଇଁ ୩ ଜଣ ଓ କାଉନସିଲର ପାଇଁ ୨୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ।

## ଜୁନାଗଡ଼ରେ ଭୋଟ ଦେଲେ ଗୃହ ରାଷ୍ଟ୍ରମନ୍ତ୍ରୀ



**ଜୁନାଗଡ,୨୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିରେ ଗୁରୁବାର ପୌରନିର୍ବାଚନ ପାଇଁ ମତଦାନ ହୋଇଥିଲା। ଏଥିରେ ଏନ୍‌ଏସିର ବ୍ଲକ କଲୋନୀପଡା ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୨ନଂ. ୱାର୍ଡସ୍ଥିତ ୩ନଂ ବୁଥ୍‌ରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଭୋଟ ଦେଇଥିଲେ। ସାଧାରଣ ଲୋକଙ୍କ ଭଳି ମନ୍ତ୍ରୀ ମିଶ୍ର ଦିର୍ଘ ସମୟ ଧରି ଲମ୍ବାଲାଇନରେ ରହି ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଥିଲେ। ସମସ୍ତଙ୍କୁ ଏହି ଗଣତନ୍ତ୍ରର ପର୍ବରେ ସାମିଲ ହୋଇ ନିଜ ମୂଲ୍ୟବାନ ଭୋଟ ଦେଇ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ସେ ନିବେଦନ କରିଥିଲେ।

## ବୌଦ୍ଧ ଏନ୍‌ଏସି: ୭୪.୮୭ ପ୍ରତିଶତ ମତଦାନ

**ବୌଦ୍ଧ,୨୪।୩(ସ୍ୱ.ପ୍ର.)**

ଗୁରୁବାର ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଭୋଟ ଦେବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା। ଭୋଟଦାନ ସମୟ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଥିବା ବେଳେ ଅପରାହ୍ନରେ ଅଧିକ ସଂଖ୍ୟାରେ ଭୋଟର ଭୋଟ ଦେବାକୁ ଆସିଥିବା ଦେଖିବାକୁ ମିଳିଥିଲା। ସମୁଦାୟ ୧୧୭୬୩ ଜଣ ଭୋଟର ମତଦାନ କରିଥିବା ଜଣାପଡିଛି। ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୫୯୭୩ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୫୭୯୦ ରହିଅଛି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୭୪.୮୭ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ମତଦାନ ଶେଷ ହେବା ପରେ ସମସ୍ତ ଇଭିଏମ୍ କଡା ସୁରକ୍ଷା ମଧ୍ୟରେ ଅଣାଯାଇ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟଠାରେ ହୋଇଥିବା ଷ୍ଟ୍ରଙ୍ଗରୁମରେ ରଖାଯାଇଛି। ନିର୍ବାଚନକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଶନିବାର ଦିନ ଭୋଟ ଗଣିତ ହେବାକୁ ଥିବା ବେଳେ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଇଭିଏମ୍ ଭିତରେ ସିଲ୍ ହୋଇ ରହିଛି। ସୂଚନାଯୋଗ୍ୟ, ବୌଦ୍ଧ ଜିଲାରେ ଥିବା ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୭ ଗୋଟି ୱାର୍ଡ ଥିବା ବେଳେ ୧୫୭୧୦ ଜଣ ଭୋଟର ଥିଲେ। ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୭,୭୯୮ ଓ ମହିଳା ଭୋଟର ସଂଖ୍ୟା ୭,୯୧୨ ଓ ତୃତୀୟ ଲିଙ୍ଗୀଙ୍କ ସଂଖ୍ୟା ଶୂନ ରହିଥିଲା। ସକାଳ ୮ ଟାରୁ ଆରମ୍ଭ ହୋଇଥିବା ମତଦାନରେ ନୂଆସାହି ଠାରେ ଥିବା ୯ ନଂ ବୁଥରେ ପ୍ରଥମରୁ ହିଁ ଇଭିଏମ ତ୍ରୁଟି ଦେଖାଦେବାରୁ କିଛି ସମୟ ପାଇଁ ଭୋଟଦାନ ବିଳମ୍ବ ହୋଇଥିଲା।



ବୌଦ୍ଧର ଏକ ଆଦର୍ଶ ବୁଥ୍‌ରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ନିର୍ବାଚନ ତଦାରଖ କରୁଛନ୍ତି।

# ଇଭିଏମ୍‌ରେ ସିଲ୍ ୨୦୯ ପ୍ରାର୍ଥୀଙ୍କ ଭାଗ୍ୟ

**ଭବାନୀପାଟଣା,୨୪।୩(ସ୍ୱ.ପ୍ର.)**



ଜୁନାଗଡ ଏନ୍‌ଏସିର ଏକ ମତଦାନ କେନ୍ଦ୍ରରେ ମହିଳା ଭୋଟରଙ୍କ ଲମ୍ବା ଲାଇନ।

**କଳାହାଣ୍ଡି ଜିଲା ପୌର ନିର୍ବାଚନ**

- ଭବାନୀପାଟଣା ସବୁଠୁ କମ, କେସିଙ୍ଗାରେ ସର୍ବାଧିକ ମତଦାନ

କଳାହାଣ୍ଡି ଜିଲାରେ ଗୁରୁବାର ଶାନ୍ତିଶୃଙ୍ଖଳା ସହ ପୌର ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ସକାଳ ୮ଠାରୁ ଅପରାହ୍ନ ୫ଟା ଯାଏଁ ମତଦାନ ହୋଇଥିଲା। ଜିଲାର ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ, ଧର୍ମଗଡ ଓ କେସିଙ୍ଗା ୩ଟି ଏନ୍‌ଏସିରେ ଭୋଟ ଗ୍ରହଣ ହୋଇଥିଲା। ଭବାନୀପାଟଣା ପୌରପାଳିକାରେ ୫୮ଟି ବୁଥ୍‌ରେ ୫୭ ହଜାର ୭୧୧ଜଣ ଭୋଟର ସେଥିମଧ୍ୟରୁ ଗୁରୁବାର ୩୩ ହଜାର ୫୧ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଛନ୍ତି। ଯାହାକି ୫୭.୭୪ ପ୍ରତିଶତ। ସେହିପରି ଜୁନାଗଡ ଏନ୍‌ଏସିରେ ୧୮ଟି ବୁଥ୍‌ରେ ୧୪ହଜାର ୭୪୩ ଭୋଟର ମଧ୍ୟରୁ ୧୧ହଜାର ୦୯୫ଜଣ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ଯାହାକି ୭୫.୨୬ ପ୍ରତିଶତ, ଧର୍ମଗଡ ଏନ୍‌ଏସିର ୧୪ଟି ବୁଥ୍‌ରେ ୧୨ହଜାର ୫୫୧ ଭୋଟର ମଧ୍ୟରୁ ୯ ହଜାର ୭୭୩ ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଛନ୍ତି। ଯାହାକି ୭୭.୮୭ ପ୍ରତିଶତ ରହିଛି। କେସିଙ୍ଗା ଏନ୍‌ଏସିର ୧୭ଟି ବୁଥ୍‌ରେ ୧୪ ହଜାର ୨୦୫ ଜଣ ଭୋଟର ମଧ୍ୟରୁ ୧୧ହଜାର ୨୧୦ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଛନ୍ତି। ଯାହାକି ୭୮.୯୨ ପ୍ରତିଶତ। ଭୋଟରଙ୍କ ପାଇଁ ସବୁ ବୁଥ୍‌ରେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବା ସହିତ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲା। ଭବାନୀପାଟଣା ପୌରପାଳିକାରେ ୩ଟି ପିଙ୍କ୍ ବୁଥ୍ ଓ ୩ଟି ଏନ୍‌ଏସିରେ ଗୋଟାଏ ଲେଖାଏଁ ପିଙ୍କ୍ ବୁଥ୍ ସମୁଦାୟ ୬ଟି ପିଙ୍କ୍ ବୁଥ୍ ହୋଇଥିଲା। ଜିଲାରେ ପୌର ନିର୍ବାଚନ ପରିଚାଳନା ପାଇଁ ୬୦୩ ଜଣ ପୋଲିଂ ଅଧିକାରୀ, କର୍ମଚାରୀ ନିୟୋଜିତ ହୋଇଥିଲେ। ଏଥିରେ ପ୍ରିଜାଇଡିଙ୍ଗ ଅଧିକାରୀ ୧୦୭, ରିଜର୍ଭ ୧୨ ରହିଥିବାବେଳେ ୪୨୮ଜଣ ପୋଲିଂ ଅଧିକାରୀ ଓ ୫୬ଜଣ ରିଜର୍ଭ ରହିଥିବା ଜଣାପଡିଛି। ଜିଲାର ଭବାନୀପାଟଣା ପୌରପାଳିକା ସମେତ ଜୁନାଗଡ, ଧର୍ମଗଡ, ଏନ୍‌ଏସିରେ ସମୁଦାୟ ୧୯୦ଜଣ କାଉନସିଲର ପ୍ରାର୍ଥୀ ଓ ଅଧକ୍ଷାଅଧକ୍ଷ ୧୯ଜଣ ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇଛନ୍ତି। ସମୁଦାୟ ଜିଲାରେ କାଉନସିଲର ଓ ଅଧକ୍ଷା/ଅଧକ୍ଷ ୨୦୯ ଜଣ ପାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇରହିଛି। ଆସନ୍ତା ଶନିବାର ଏହାର ଫଳାଫଳ ଜଣାପଡିବ। ନିର୍ବାଚନ ପରିଚାଳନା ପାଇଁ ପୋଲିସ ପକ୍ଷରୁ ମଧ୍ୟ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଜିଲାରେ ଗୋଟିଏ ପୌରପାଳିକା ଓ ୩ଟି ଏନ୍‌ଏସି ପାଇଁ ୮ପ୍ଲାଟୁନ ପୋଲିସ, ସବୁ ବୁଥ୍‌ରେ ଜଣେ ଲେଖାଁଏ କନଷ୍ଟେବଲ, ୩ରୁ ୪ଟି ବୁଥ୍ ପାଇଁ ଗୋଟିଏ ମୋବାଇଲ ପାଟ୍ରୋଲିଂ ଟିମ୍, ଏହାବ୍ୟତିତ ଥାନାଧିକାରୀ, ଡିଏସପି ମଧ୍ୟ ନିଯୁକ୍ତି ରହିଥିଲେ ବୋଲି କଳାହାଣ୍ଡି ଏସ୍‌ପି ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି।